## ସଂକ୍ଷେପରେ

### ଜାତୀୟ ବିଜ୍ଞାନ, ଗଣିତ ମେଧା ପରୀକ୍ଷାରେ ଅନିକେତ

ଦାମନଯୋଡ଼ି, ୨୩ା୧ (ଡି.ଏନ୍.ଏ.): ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଡିପିଏସ୍ ସ୍କୁଲରେ ଜାତୀୟସ୍ତରୀୟ ବିଜ୍ଞାନ ଓ ଗଣିତ ମେଧା ପରୀକ୍ଷା ଗତ ୧୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ର ଅନିକେତ ମହାନ୍ତି ଅଂଶଗ୍ରହଣ କରିଛନ୍ତି। ସେ ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ନବ କିଶୋର ପଣ୍ଡାଙ୍କ ସହ ଯାଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ୯ମ ଶ୍ରେଣୀର ଛାତ୍ର ଅନିକେତ ପୂର୍ବରୁ ଅନୁଷ୍ଠିତ ପ୍ରଥମ ସ୍ତର ପରୀକ୍ଷାରେ ଦାମନଯୋଡ଼ି ଡିପିଏସ୍‌ର ଏକମାତ୍ର ଛାତ୍ର ରୂପେ କୃତକାର୍ଯ୍ୟ ହୋଇଥିଲେ। ନୂଆଦିଲ୍ଲୀ ଡିପିଏସ୍ ସୋସାଇଟି ପକ୍ଷରୁ ପ୍ରତିବର୍ଷ ଏହି ପରୀକ୍ଷା ହୋଇଥାଏ। ଏହି ପରୀକ୍ଷାରେ ରାଜ୍ୟର ବିଭିନ୍ନ ଡିପିଏସରୁ ୧୩୦ ଜଣ ଭାଗ ନେଇଥିଲେ। ଗତ ନଭେମ୍ବରରେ ସ୍କୁଲ ସ୍ତରରେ ଅନୁଷ୍ଠିତ ପ୍ରଥମ ସ୍ତର ପରୀକ୍ଷାରେ ଦାମନଯୋଡ଼ି ଡିପିଏସ୍‌ର ବରିଷ୍ଠ ଗଣିତ ଶିକ୍ଷକ ପ୍ରଦୋଷ କୁମାର ଆଚାର୍ଯ୍ୟ ସଂଯୋଜକ ଥିଲେ। ଅନିକେତଙ୍କ ଦ୍ୱିତୀୟ ସୋପାନ ପରୀକ୍ଷାରେ ଯୋଗଦାନ ପରେ ସ୍କୁଲର ଅଧକ୍ଷା ଦୀପାନ୍ୱିତା ଦାସ ତାଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି।

### 'ଈଶ୍ୱରଙ୍କ ସହ ଏକାନ୍ତରେ' କବିତା ସଂକଳନ ଉନ୍ମୋଚିତ

ଦାମନଯୋଡ଼ି, ୨୩ା୧ (ଡି.ଏନ୍.ଏ.): କବୟିତ୍ରୀ ସ୍ୱାତୀ ଚାଟାର୍ଜୀଙ୍କ କବିତା ସଂକଳନ 'ଈଶ୍ୱରଙ୍କ ସହ ଏକାନ୍ତରେ ' ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସରେ ସପ୍ତଦଶ କାଦମ୍ବିନୀ ମହୋତ୍ସବରେ ଉନ୍ମୋଚିତ ହୋଇଯାଇଛି। ସାମ୍ପ୍ରତିକ ସମାଜର ସ୍ଥିତି ଓ ଗଭୀର ଜୀବନ ଦର୍ଶନବୋଧକୁ ନେଇ ୬୦ଟି କବିତାରେ ସମୃଦ୍ଧ ପୁସ୍ତକଟି ବିଶିଷ୍ଟ ଲେଖକ ଲେଖିକାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ, ଅନୁରାଧା ରାୟ, ସଲ୍‌ମନ ଖୁର୍ସିଦ, ରାହୁଲ ଦେବ, ହିନ୍ଦୀ ଚଳଚ୍ଚିତ୍ର ଜଗତର ତାରକା ରଜତ କାପୁର, ସାହିତ୍ୟିକ ମୃଦୁଲା ଗର୍ଗ, ହରପ୍ରସାଦ ଦାସ, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ମଧ ଡ. ଚାଟାର୍ଜୀଙ୍କ ଲିଖିତ ଉପନ୍ୟାସ 'ନିଃସଙ୍ଗ ବିହଙ୍ଗ' ଗଳ୍ପ ସଂକଳନ 'ଆକାଶର ରଙ୍ଗ' ଓ 'ସ୍ୱପ୍ନର ପ୍ରାଚୀର' ପ୍ରକାଶିତ ହୋଇ ପାଠକଙ୍କ ଆଦର ହୋଇପାରିଛି।

### ସେମିଲିଗୁଡ଼ାର ଗୌରବ ଦୀପନ୍ୱିତା

ସେମିଲିଗୁଡା, ୨୩ା୧(ସ୍ୱ.ପ୍ର): ସେମିଲିଗୁଡା ଗୋପବନ୍ଧୁ ନଗରରେ ରହୁଥିବା କଲ୍ୟାଣୀ ମିଶ୍ର ଏବଂ ଅମରେଶ ମିଶ୍ରଙ୍କ ଝିଅ ଦୀପନ୍ୱିତା ମିଶ୍ର। ସେ ଡିମାଉଣ୍ଟ ଭ୍ୟାଲି ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ। ସେ ସ୍କୁଲର ୨୦୧୯-୨୦ ଲିଟେରାରୀରେ ଚାମ୍ପିୟନ ହୋଇଛନ୍ତି। ସମସ୍ତ ଆଠ ଗୋଟି ପ୍ରତିଯୋଗିତା ହିନ୍ଦୀ ଷ୍ଟୋରି ଟେଲିଂ, ଫ୍ୟାନ୍ସି ଡ୍ରେସ, ଡ୍ରଇଂ ଏବଂ ୨୦୨୦ର ଇରାଜି ଏଲୋକେଶନ, ପାରାଗ୍ରାଫ ରାଇଟିଙ୍ଗ, ହିନ୍ଦୀ ଷ୍ଟୋରୀ ଟେଲିଂ, ଫ୍ୟାନ୍ସି ଡ୍ରେସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସେମିଲିଗୁଡାସ୍ଥିତ ଶ୍ରୀ ଅରବିନ୍ଦ କଳା ଭବନ ତରଫରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶେଷରେ ସେ ଇଂଲିଶ ଅନ୍ତର୍ଜାତୀୟ ଅଲିମ୍ପିଆଡ଼ ପରୀକ୍ଷାରେ ମଧ ଗୋଲ୍ଡ ମେଡାଲ ହାସଲ କରି ସେମିଲିଗୁଡ଼ା ପାଇଁ ଗୌରବ ଆଣିଛନ୍ତି। ଜେଜେ ବାପା ମଧୁସୂଦନ ମିଶ୍ର ଏବଂ ଜେଜେମା ଶାନ୍ତିଲତା ମିଶ୍ରଙ୍କ ଆଶୀର୍ବାଦ ଯୋଗୁ ଏପରି ସଫଳତା ପାଇଛନ୍ତି ବୋଲି କହିଛନ୍ତି ସେ।

■ ପ୍ରଶାସନ ଜିଦ୍ ଆଗରେ

# ବଳିପଡ଼ିଛି ୨ ଶହ ଚାଷୀଙ୍କ ଭାଗ୍ୟ

କୁନ୍ଦୁରା, ୨୩ା୧ (ଡି.ଏନ୍.ଏ.)



■୨୦ହଜାର କୁଇଣ୍ଟାଲ ଧାନ ହେବ ଅଭାବୀ ବିକ୍ରି
■୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆଇନର ଆଶ୍ରୟ
■ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଚଳିତ ଖରିଫ ଋତୁରେ ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଅମଳ ଧାନ ଗଦା ହୋଇ ରହିଛି। ଏଯାବତ୍ ୨ ଶହ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇ ନ ଥିବାରୁ ୨୦ ହଜାର କୁଇଣ୍ଟାଲ ଧାନ ବିକ୍ରି କରିପାରି ନାହାନ୍ତି ଚାଷୀ। ତେଣୁ ଅଭାବୀ ବିକ୍ରି ହେବାର ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଖରିଫ ଧାନ ବିକ୍ରୟ ନେଇ କୁନ୍ଦୁରା ବ୍ଲକରେ ଥିବା ୧୧ଟି ମଣ୍ଡିରେ ଚାଷୀଙ୍କୁ ପଞ୍ଜୀକୃତ ନିମନ୍ତେ ୨୦୧୯ ଅକ୍ଟୋବର ୩୧ ଯାଏ ସମୟ ସୀମା ରହିଥିଲା। ଚାଷୀ ପଞ୍ଜୀକରଣ ଲାଗି ସମସ୍ତ କାଗଜପତ୍ର ଦେଇଥିଲେ। ହେଲେ କେଉଁ କାରଣରୁ ୨ ଶହ ଚାଷୀ ପଞ୍ଜୀକୃତ ନ ହୋଇ ବାଦ୍‌ପଡ଼ିଲେ ତାହା ଜଣାପଡୁନାହିଁ। ଏହାକୁ ନେଇ ଚାଷୀମାନେ ଲ୍ୟାମ୍ପସ ଘେରାଉ କରିବା ସହ କୌଣସି ମଣ୍ଡିରେ ପ୍ରଶାସନ ଧାନ କ୍ରୟ ନ କରିବା ନେଇ ଚେତାବନୀ ଦେଇଥିଲେ। ଚାଷୀମାନେ କୁନ୍ଦୁରା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ, ଏଆରସିଏସ୍, ଡିଆରସିଏସ୍, ସିଏସ୍‌ଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଅଧିକାରୀଙ୍କ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ନାମ ପଞ୍ଜୀକୃତ ହୋଇ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଚାଷୀକୁଳ ପକ୍ଷରୁ ଲ୍ୟାମ୍ପସ କାର୍ଯ୍ୟାଳୟଠାରେ ଜଳସେଚିତ ଏବଂ ଅଣଜଳସେଚିତ ଜମି ନିମନ୍ତେ ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି ଅଧିକାରୀ, ସରପଞ୍ଚଙ୍କୁ ସମସ୍ତ ଆବଶ୍ୟକ କାଗଜପତ୍ର ଦିଆଯାଇଥିଲା। ବର୍ତ୍ତମାନ ଏହାର ତଦନ୍ତ କରି ଚାଷୀଙ୍କୁ ପଞ୍ଜୀକରଣ କରିବାରେ ଅସୁବିଧା କେଉଁଠି ବୋଲି ଚାଷୀ ରାଧାନାଥ ସାନ୍ତା ପ୍ରକାଶ କରିଛନ୍ତି। ବ୍ଲକସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ କୁଇଣ୍ଟାଲଏ ପିଛା ୩ କେଜି କାଟ୍ କରି ନେଉଥିବା ଏକ ପ୍ରକାର ନିୟମ କରାଯାଉଛି। ବର୍ତ୍ତମାନ ୫-ଟି କାର୍ଯ୍ୟକ୍ରମ ରହିଥିବା ସ୍ଥଳେ ମଧ ମିଲର୍ସମାନେ ଯୋଗାଣ ବିଭାଗ ଜାଣତରେ ୩ରୁ ୫ କିଗ୍ରା କୁଇଣ୍ଟାଲ ପିଛା କାଟ୍ କରି ନେଉଥିବା ସମସ୍ତଙ୍କ ଗୋଚରରେ ଚାଲିଛି। ଏହାକୁ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ନେଇ ଚାଷୀମାନେ ଲ୍ୟାମ୍ପସ ଘେରାଉ କରିବା ପରେ ଏଆରସିଏସ୍, ଡିଆରସିଏସ୍‌ଙ୍କ ନିକଟକୁ ଯାଇଥିବାବେଳେ ଆମ ହାତରେ କିଛି ନାହିଁ, ସମସ୍ତ କାଗଜପତ୍ର ସିଏସ୍‌ଓଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି ସେମାନେ କହିଥିଲେ। ପରେ ୧୫୪ ଚାଷୀ ପଞ୍ଜୀକୃତ ହୋଇ ନ ଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ଏ ସମ୍ପର୍କରେ କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ହେଲେ କମିଶନର କାର୍ଯ୍ୟାଳୟ ତରଫରୁ ଉପରୋକ୍ତ ସାଇଟ୍ ବନ୍ଦ କରାଯାଇଥିବା ଯୋଗୁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇପାରୁ ନ ଥିବା ଜଣାଯାଇଛି। ସେହିପରି ଜୟପୁର ସବ୍‌ଡିଭିଜନ ସ୍ତରରେ ୩୨୮ ଚାଷୀ ପଞ୍ଜୀକୃତ ହୋଇ ନ ଥିବା ବେଳେ କୁନ୍ଦୁରା ବ୍ଲକ ସ୍ତରରେ ୧୫୪ ଚାଷୀଙ୍କର ପଞ୍ଜୀକୃତ ହୋଇ ନାହାନ୍ତି। ସମୁଦାୟ ୩୨,୮୦୦ କୁଇଣ୍ଟାଲ ଧାନ ବଳକା ରହିଛି। ରାଜ୍ୟ ସରକାର ଚାଷୀ ତଥା କୃଷକମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବାବେଳେ ପ୍ରଶାସନର ଟଣାଓଟରା ନୀତି ଯୋଗୁ ନିରୀହ ଚାଷୀ ବଳିପଡୁଛନ୍ତି। ଆଗକୁ ରବି ଋତୁ ରହିଥିବା ଯୋଗୁ ଯେଉଁ ଚାଷୀମାନେ ଧାନ ବିକ୍ରି କରିନାହାନ୍ତି, ସେମାନେ ପ୍ରସ୍ତୁତ ହୋଇପାରୁ ନ ଥିବା କହିଛନ୍ତି। ଯଦିଓ ଏକ ସପ୍ତାହ ମଧରେ ୧୫୪ ଚାଷୀଙ୍କର ପଞ୍ଜୀକରଣ ନ ହୁଏ, ତେବେ ନ୍ୟାୟାଳୟର ଆଶ୍ରୟ ନେବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଇଭା ଇପ୍ସିତା ପ୍ରଥମ




ଛାତ୍ରୀ ଇଭା ଇପ୍ସସିତାଙ୍କ ସହ ଅନ୍ୟମାନେ।

ସୁନାବେଡା, ୨୩ା୧

ସୁନାବେଡା ମିଗନଗରୀସ୍ଥିତ ଭିଏସ୍ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ଇଭା ଇପ୍ସିତା ଟେଟେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ହୋଇଛନ୍ତି। ସେ ଜୁନିୟର ବର୍ଗର ଫାବର କାଷ୍ଟ ଲେ କମ୍ପାନୀ ପକ୍ଷରୁ ଆୟୋଜିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ୧୮ ତାରିଖରେ ଗୋଆର ପତାଜୀଠାରେ ଆୟୋଜିତ ଉତ୍ସବରେ ସ୍ୱର୍ଣ୍ଣପଦକ,ପ୍ରମାଣ ପତ୍ର ସହ ନଗଦ ୭୫ ହଜାର ଟଙ୍କାର ଏକ ଚେକ ପ୍ରଦାନ କରାଯାଇଥିଲା। ସେ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡିଶା ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଭିଏସ ବିଦ୍ୟାଳୟର ସମ୍ପାଦକ ତନବିର ଆଲମ, ଅଧକ୍ଷ ହେମନ୍ତ କୁମାର ସେଠ୍, ଉପାଧ୍ୟକ୍ଷ ପିକେ ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି। କୁମାରୀ ଟେଟେ ତାଙ୍କର ଏହି ସଫଳତା ପାଇଁ ପିତା ଅନିଲ ଟେଟେ, ମାତା ନୀଲି ନୋମିତା ଏକସେସ, କଳା ଶିକ୍ଷୟିତ୍ରୀ ଅର୍ଚ୍ଚନା ଜେନା ଏବଂ ସ୍ଥାନୀୟ ଶ୍ରୀ ଅରବିନ୍ଦ କଳାଭବନର କଳା ଶିକ୍ଷକ ଅମଲେନ୍ଦୁ ଜାନାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।



ଛାତ୍ରମାନେ ପରେଡ୍ ଅଭ୍ୟାସ କରୁଛନ୍ତି।

## ଜୟପୁରରେ ପରେଡ ଅଭ୍ୟାସ

ଜୟପୁର, ୨୩ା୧ (ନି.ପ୍ର)

ଜୟପୁର ଉପଖଣ୍ଡସ୍ତରୀୟ ୭୧ ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପରେଡ଼ ଅଭ୍ୟାସ କରାଯାଇଛି। ଗୁରୁବାର ଜୟପୁର ଦଶହରା ପଡିଆରେ ଅଭ୍ୟାସ କରାଯାଇଛି। ଶୁକ୍ରବାର ମୁଖ୍ୟ ରାସ୍ତାରେ ଅଭ୍ୟାସ କରାଯିବ। ସାଧାରଣତନ୍ତ୍ର ଦିବସ ମୁଖ୍ୟ ରାସ୍ତାରେ ହିଁ ପାଳନ କରାଯିବ। ଏଥିରେ ଜୟପୁର ସହରରେ ଥିବା ବିଭିନ୍ନ ସ୍କୁଲ, କଲେଜର ଏନ୍‌ସିସି, ସ୍କାଉଟ, ଗାଇଡ,ରେଡକ୍ରସ, ସାଦାପୋଷାକଧାରୀ, ଘୋଷବାଦ୍ୟ ଭଳି ୫୬ଟି ଗ୍ରୁପ୍ ଅଭ୍ୟାସ କରିଥିଲେ। ଉପଖଣ୍ଡ ପ୍ରଶାସନ ତରଫରୁ ସବୁ ବ୍ୟବସ୍ଥା କରାଯାଇଛି।

## ବ୍ରହ୍ମାକୁମାରୀ ନିଲମ ଦିଦି ସମ୍ବର୍ଦ୍ଧିତ

ଦାମନଯୋଡ଼ି, ୨୩ା୧ (ଡି.ଏନ୍.ଏ.)

କୋରାପୁଟ ଜିଲା ନାଲ୍‌କୋ ଶିଳ୍ପାଞ୍ଚଳ ସେକ୍ଟର -୧ସ୍ଥିତ ମୁକ୍ତ ରଙ୍ଗମଞ୍ଚଠାରେ ବ୍ରହ୍ମାକୁମାରୀ ନିଲମ ଦିଦିଙ୍କୁ ଆଜି ଦାମନଯୋଡ଼ି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନିଲମ ଦିଦି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଦୀର୍ଘ ୫୦ ବର୍ଷ ଧରି ସେବା କରି ଆସୁଛନ୍ତି। ସୁବର୍ଣ୍ଣ ଜୟନ୍ତୀ ପରିପ୍ରେକ୍ଷୀରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଲ୍‌କୋର ଇଂ. ରବି ଶଙ୍କର ମିଶ୍ର , ମହାପ୍ରବନ୍ଧକ ଆର.ଏନ୍. ଉପାଧ୍ୟାୟ ଉପସ୍ଥିତ ଥିଲେ। ଏହି ଅବସରରେ ଦାମନଯୋଡ଼ି ଅନୁଷ୍ଠାନର ୯ ଜଣ ଭଉଣୀ ଏବଂ ୬ ଜଣ ଭାଇଙ୍କୁ ସମ୍ମାନିତ କରାଯାଇଥିଲା।

## ଶୌଚାଳୟ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଜୟପୁର,୨୩ା୧(ଡି.ଏନ.ଏ)

କୋରାପୁଟ ଜିଲାରେ ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରକୁ ଶୌଚାଳୟ ନିର୍ମାଣ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାରେ ଏହା ଶତ ପ୍ରତିଶତ ନିର୍ମାଣ କାର୍ଯ୍ୟ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ଦାବି କରାଯାଇଛି। କିନ୍ତୁ ବାହାର ରାଜ୍ୟର କୌଣସି ଏକ ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ତରବରିଆ ଭାବେ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କୁ ଟଙ୍କା କିଏ ଦେଲା, କେଉଁ ସଂସ୍ଥା କରିଛି ତାହା ଗ୍ରାମବାସୀ ଜାଣିନାହାନ୍ତି ବୋଲି କହିଛନ୍ତି। ଏହିପରି ଜୟପୁର ବ୍ଲକ ବାରିଣୀପୁଟ ପଞ୍ଚାୟତ ସଦରମହକୁମାର ପରଜା ସାହିରେ ୧୫ରୁ ଉର୍ଦ୍ଧ୍ୱ ଶୌଚାଳୟ ଉକ୍ତ ସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଛି। ୧୨ ହଜାର ଟଙ୍କାରେ ନିର୍ମାଣ ହୋଇଥିବା ଏହି ଶୌଚଳାୟ ନିର୍ମାଣ କାରୀ ସଂସ୍ଥାକୁ ହିତାଧିକାରୀଙ୍କ ଜମାଖାତା ମାଧ୍ୟମରେ ଟଙ୍କା ପ୍ରଦାନ କରାଯାଇନାହିଁ। ଉକ୍ତ ଶୌଚାଳୟ କାନ୍ଥଗୁଡିକ ୯ ବର୍ଗଫୁଟ କୌଣସି ଏକ ହାଲକା ଓଜନର ସାମଗ୍ରୀରେ କାନ୍ଥ ଏବଂ ଆଜବେଷ୍ଟସ ବ୍ୟବହୃତ ହୋଇଛି। ସେହିପରି ପାଉଁଶ ନିର୍ମିତ ଇଟାରେ ଦୁଇଫୁଟ ବିଶିଷ୍ଟ ଦୁଇଟି ଗାତରେ ଟ୍ୟାଙ୍କି ନିର୍ମାଣ କରାଯାଇଛି। ଏହି କାର୍ଯ୍ୟ ନିମ୍ନମାନର କରାଯାଇଥିବା ନେଇ ହିତାଧିକାରୀ ମତି ପରଜା ଏବଂ ସମ୍ରା ପରଜା ଅଭିଯୋଗ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ଜେ.ଇ ରଶ୍ମିତା ରାଣୀ ପଣ୍ଡାଙ୍କୁ ପଚାରିବାରୁ, ଏଥିନେଇ କୌଣସି ଠିକ ତଥ୍ୟ କିମ୍ବା ଉତ୍ତର ଦେବା ବଦଳରେ ବିଡିଓଙ୍କୁ ପଚାରିବାକୁ କହିଥିଲେ। ଜେଇ ଏହା ନିର୍ମାଣ ବେଳେ ଏହାର ତଦାରଖ କରିଥିଲେ ନା ନାହିଁ ସେଥିନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଡିଓ ସୂରଜ ପଟ୍ଟନାୟକଙ୍କୁ ପଚାରିବାରୁ ଏହି ଶୌଚାଳୟ କାମ ବାହାର ରାଜ୍ୟର ସଂସ୍ଥା ଦ୍ୱାରା କରାଯାଇଛି। ଦାୟିତ୍ୱର ରହିଥିବା ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଟଙ୍କା ପୈଠ କରାଯିବ। ସେହିପରି ରାଜ୍ୟ କିଛି ଜିଲାରେ ଏହାର ନିର୍ମାଣରେ ବିଳମ୍ବ ହୋଇଥିବା ଯୋଗୁଁ ଜିଲା ପ୍ରଶାସନରର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯାଇଛି ବୋଲି କହିଛନ୍ତି।

## ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଦାମନଯୋଡ଼ି, ୨୩ା୧ (ଡି.ଏନ୍.ଏ.)



ନେତାଜଙ୍କ ଜୟନ୍ତୀରେ ଅତିଥି ଓ ଛାତ୍ରୀମାନେ।

ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଦାମନଯୋଡ଼ିର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ପୁଷ୍ପାଞ୍ଜଳି ଦେବା ସହ ସେମାନଙ୍କର ସ୍ମୃତିଚାରଣ କରାଯାଇଥିଲା। ମାଥାଲପୁଟ ସରସ୍ୱତୀ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଭେଜାପୁଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ କମଳାକାନ୍ତ ନାୟକଙ୍କ ସହ ବରିଷ୍ଠ ଶିକ୍ଷକ କେ.କେ.ପତି ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍‌କୋ ଟାଉନ୍‌ଶିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସମ୍ପାଦକ ଅଧାପକ ଅଶୋକ ନାୟକ ଓ ବିଦ୍ୟାଳୟର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଉପସ୍ଥିତ ରହି ଦୁଇ ମହାନ ଦେଶପ୍ରେମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବର୍ତ୍ତମାନ ମଧ ନେତାଜୀ ଆମ ହୃଦୟରେ ଅଛନ୍ତି। ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଭାବଧାରାରେ ନିଜକୁ ଗଢ଼ି ତୋଳି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିବାକୁ ସମ୍ପାଦକ ନାୟକ ଓ ଅଧକ୍ଷ ଡ. ବାହିନୀପତି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଶୁଭଶ୍ରୀ ନାୟକ, ସୁପ୍ରଜ୍ଞା ତୁରୁଫ, ଆଚାର୍ଯ୍ୟ ଅମୂଲ୍ୟ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ସ୍ୱାତୀ ଚାଟାର୍ଜୀ ସ୍ୱରଚିତ କବିତା ପାଠ କରିଥିଲେ। ଡ. ଅଶୋକ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମମତା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ନେତାଜୀଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ

କୋରାପୁଟ ୨୩ା୧ (ସ୍ୱ.ପ୍ର)

କୋରାପୁଟ ଜିଲା ସଦରମହକୁମା ଗୁଣ୍ଡିଚାମନ୍ଦିର ଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନୂତନ ପ୍ରତିମୂର୍ତ୍ତି ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଏଡିଏମ ଦେବେନ ପ୍ରଧାନ, ପି.ଡି ଡିଆରଡିଏ ପ୍ରବୀର ନାୟକ, ଉପଜିଲାପାଳ ଲଳିତ କଅଁର, ଡିଆଇପିଆରଓ ଜଗନ୍ନାଥ ପ୍ରସାଦ ରାୟଗୁରୁ ଅତିଥି ଭାବେ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଗୌର ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୌରସଂସ୍ଥା ପକ୍ଷରୁ ୧ଲକ୍ଷ ୨୯ହଜାର ଟଙ୍କା ବ୍ୟୟରେ ଏହି ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ଅବସରରେ ନେତାଜୀ ସ୍ମାରକୀ କମିଟିର ସଦସ୍ୟ ରାଜକିଶୋର ସାମନ୍ତରାୟ, ଅରୁଣ ଦାଶ, ଆର.ପି ଶର୍ମା, ରବି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କୋରାପୁଟ ସଦରମହକୁମା ଗୁଣ୍ଡିଚାମନ୍ଦିର ଛକଠାରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ନୂତନ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ଅନ୍ୟମାନେ।

## ନେତାଜୀଙ୍କ ଜୟନ୍ତୀ ଭୁଲିଗଲା ପ୍ରଶାସନ

ଜୟପୁର, ୨୩ା୧ (ଡି.ଏନ.ଏ)



ପ୍ରତିମୂର୍ତ୍ତି ନିକଟରେ କୁନି କୁନି ପିଲାମାନେ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅନ୍ୟତମ ମହାରଥୀ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ନେତାଜୀଙ୍କୁ ସମ୍ମାନ ଜଣାଇବା ନେଇ ସରକାରଙ୍କ ପକ୍ଷରୁ ଏହି ଦିବସକୁ ଛୁଟି ଭାବେ ଘୋଷଣା କରାଯାଇଛି। ନେତାଜୀଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ସରକାରୀ ଏବଂ ପୌର ପ୍ରଶାସନର କର୍ମଚାରୀ ଏବଂ ଅଧିକାରୀମାନେ ନେତାଜୀଙ୍କ ଜୟନ୍ତୀ ପାଳନ କରିବାକୁ ଭୁଲି ଗଲେ। ଏମିତି କି ଏହି ମହାନ ନେତାଙ୍କ ପ୍ରତିମୂର୍ତ୍ତି ସଫା କରିବା କିମ୍ବା ଗୋଟିଏ ଫୁଲମାଳ ପକାଇବାକୁ ଜରୁରୀ ଭାବିଲେ ନାହିଁ। ସ୍ଥାନୀୟ ଜୟନଗରସ୍ଥିତ ପୌରସଂସ୍ଥାର ନେତାଜୀ ପାର୍କଠାରେ ସ୍ଥାନୀୟ ନାବାଳକ ମାନେ ନେତାଜୀଙ୍କ ପ୍ରତିମୂର୍ତ୍ତି ସଫେଇ କରିଥିବା ଦେଖିବାକୁ ମିଳିଥିଲା। ପରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନେତାଜୀଙ୍କ ଜୟନ୍ତୀ ପାଳନ କରିଥିଲେ। ଏହି ଖବରପାଇ ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ର ଉତ୍ସବସ୍ଥଳରେ ପହଞ୍ଚି ସାମିଲ ହୋଇ ନେତାଜୀଙ୍କ ଉପରେ କହିଥିଲେ। ଏଥିରେ ସ୍ଥାନୀୟ ସଚେତନ ଯୁବକ ସୀମାଞ୍ଚଳ ସୁଆରଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

## ଡିଏସ୍‌ଓ ପକ୍ଷରୁ ଶୋଭାଯାତ୍ରା

ଜୟପୁର,୨୩ା୧(ଡି.ଏନ.ଏ/ନି.ପ୍ର)




ଡିଏସ୍‌ଓ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ (ଏଆଇଡିଏସଓ) କୋରାପୁଟ ଜିଲା ଶାଖା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ସରୋଜିନୀ ଭବନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ରଥପଡିଆ ପର୍ଯ୍ୟନ୍ତ ଯାଇ ପୁଣି ମୁଖ୍ୟରାସ୍ତାରେ ଫେରିଥିଲେ। ପରେ ସରୋଜିନୀ ଭବନଠାରେ ଏକ ସଭା ଆୟୋଜିତ ହୋଇଥିଲା। ଜିଲା ଡିଏସ୍‌ଓ ସମ୍ପାଦକ ସୁରଜିତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓର ରାଜ୍ୟ ସମ୍ପାଦକ ସୁବାସ ନାୟକ, ଏସୟୁସିଆଇର ସମ୍ପାଦକ କାହ୍ନୁଚରଣ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇ ନେତାଜୀଙ୍କ ଜୀବନୀ ଉପରେ କହିଥିଲେ। ସେହିପରି ସଂଗଠନ ସଦସ୍ୟା ବାସନ୍ତି ଖରା, କେଶବ ଭୂମିଆ, ଜଗନ୍ନାଥ ହରିଜନ, ମଦନ ଗାଦବା, ରୁକ୍ମିଣୀ ବାରିକ, ନବୀନା ବାରିକ, ଶଶୀଧର ଭୂମିଆ, କର୍ଣ୍ଣ ଖେମୁଣ୍ଡୁ, ଜିତୁ ହରିଜନ, ପ୍ରୀତି ଶିସା, ସବିତା ପଦୁଆ, ସାଗର ବାରିକ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ନେତାଜୀ ଦେଶରେ ସମସ୍ତ ଧର୍ମ ଓ ଜାତିର ଲୋକଙ୍କୁ ନେଇ ଏକ ବିଶାଳ ଭାରତ ଗଠନ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ବୋଲି କହିଥିଲେ। ସେହିପରି ସିପିଆଇ ପକ୍ଷରୁ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶ୍ରମିକ ଭବନ ଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଏଥିରେ ରାମକୃଷ୍ଣ ଦାଶ, ନିତ୍ୟାନନ୍ଦ ପାତ୍ର, ଗୁରୁ ଖରା. ପବନ ମହୁରିଆ, ପି. ବିନୋଦ, ମନହୋର ଗୋଲରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ନେତାଜୀ ଜୟନ୍ତୀରେ ସ୍ୱାସ୍ଥ୍ୟସେବା ଶିବିର

**ଏମଭି ୭୯,୨୩।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ପିଭି- ୮୧ ଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ନେତାଜୀ ଯୁବକ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଏମ୍‌ପିଭି-୮୧ ଗ୍ରାମରେ ସଂଘ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରାଚଳମରୁ ଆସିଥିବା ଡାକ୍ତର ଶ୍ରୀଧର ବର୍ମା, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ ବିଶ୍ୱାସ, ପିଣ୍ଟୁ ବିଶ୍ୱାସ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନେତାଜୀଙ୍କ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ଆୟୋଜିତ ରକ୍ତଦାନ ଶିବିରରେ ଆନ୍ଧ୍ର ପ୍ରଦେଶରୁ ଆସିଥିବା ୫ ଜଣିଆ ଡାକ୍ତରୀ ଦଳ ଏହି ଅଞ୍ଚଳର ୧୦ଟି ପଞ୍ଚାୟତର ପ୍ରାୟ ୨ହଜାର ଲୋକଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇଦେଇଥିଲେ। ସ୍ଥାନୀୟ ପୋଲିସ, ଯୁବତୀଯୁବକ ଓ ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ।

### ସାଧାରଣତନ୍ତ୍ର ଦିବସ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



**ଚିତ୍ରକୋଣ୍ଡା,୨୩।୧(ଡି.ଏନ.ଏ.):** ଚିତ୍ରକୋଣ୍ଡା ଖେଳ ପଡିଆଠାରେ ଆସନ୍ତା ୨୬ରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁପି ସ୍କୁଲ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଗୋଜିଆଗୁଡା ପ୍ରାଥମିକ ବିଦ୍ୟାଳୟ, ଢେପସାହି ପ୍ରାଥମିକ ବିଦ୍ୟାଳୟ, ଟେମ୍ପରାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଡାଏଟେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୩ଦିନ ଧରି ଚିତ୍ରାଙ୍କନ, ଗୀତ, କୁଇଜ, ଏକକ ଅଭିନୟ, ବକ୍ତୃତା ଓ ରଚନା ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଜୁନିୟର ଓ ସିନିୟର ବିଭାଗରେ ବିଭକ୍ତ କରାଯାଇଥିଲା। ଆସନ୍ତା ୨୫ରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ଝୋଟି ପ୍ରତିଯୋଗିତା ହେବ। ଅନୁଷ୍ଠିତ ପ୍ରତିଯୋଗିତାକୁ ଦେବେନ୍ଦ୍ର ଦାଶ, ନିରୋଦ ଜେନା, ମାନସ ରଞ୍ଜନ ସାହୁ, ଲିପିକା ସାମନ୍ତରାୟ ପରିଚାଳନା କରିଥିଲେ।

### ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



**ଡାବୁଗାଁ,୨୩।୧(ଡି.ଏନ.ଏ.):** ଡାବୁଗାଁ ବ୍ଲକ ଅଧୀନ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ଦୁଇ ବୀର ପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ଛାତ୍ରୀମାନେ ଦୁଇ ବୀର ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲେ । ଏକାଦଶ ଶ୍ରେଣୀର ଛାତ୍ରୀ କୁନ୍ତିମା ଭତ୍ରା, ହେମବତୀ ପନକା ଓ ଅଷ୍ଟମ ଶ୍ରେଣୀର ଛାତ୍ରୀ ଅମିତା ଭତ୍ରା, ରୁନିତା ସାନ୍ତା ଦୁଇ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ଅଧାପକ ସନାତନ ଭୋଇ ନେତାଜୀଙ୍କ ଦେଶପ୍ରିତି ବିଷୟରେ ବୁଝାଇଥିଲେ । ସେମାନଙ୍କ ଜୀବନୀରୁ ଶିକ୍ଷା ଲାଭ କରିବା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଅଧକ୍ଷ ସୁକାନ୍ତ କୁମାର ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ଦୀପ୍ତିରଞ୍ଜନ ବେହେରା ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

**ରାଇଘର ୨୩।୧ (ଡି.ଏନ.ଏ)**

## ପଞ୍ଚାୟତ ସମିତି ବୈଠକ

- ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ଠିକ ଭାବେ ହେଉନି
- ଛତୁଆ ବଣ୍ଟନ ଓ ମାନକୁ ନେଇ ପାଟିତୁଣ୍ଡ



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ବିନୋ ଗଣ୍ଡ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝୀ, ସମ୍ମାନୀୟ ଅତିଥି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ପରିଷଦ ସଭ୍ୟା ପ୍ରୀତିସ୍ନିଗ୍ଧା ମହାପାତ୍ର, ସୁଦର୍ଶନ ମାଝୀ, ପୁନିତା ଗଣ୍ଡ, ଦେଓ କୁମାରୀ ଗଣ୍ଡ, ଏବିଡିଓ ବିଜୟ କୁମାର ସେଠୀ, ଉପାଧ୍ୟକ୍ଷ ବିଶ୍ୱନାଥ ସିଲ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରତି କାନ୍ତ ସାହୁ ପୂର୍ବ ବିବରଣୀ ପାଠ କରିଥିଲେ। ଏବିଡିଓ ସ୍ୱାଗତ ଭାଷଣ ଦେବା ପରେ ଗୃହକୁ ପରିଚାଳନା କରିଥିଲେ । ବୈଠକ ଆରମ୍ଭରୁ ସ୍ୱାସ୍ଥ୍ୟ ସମସ୍ୟା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାକୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉ ନଥିବାରୁ ବୈଠକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ରୋଗୀ କଲ୍ୟାଣ ସମିତି ଏବଂ ଗାଁ କଲ୍ୟାଣ ସମିତିର କାର୍ଯ୍ୟକ୍ରମକୁ ନେଇ ଏମପି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଯୋଜନାରେ ଆସୁଥିବା ଅନୁଦାନ ଠିକ ଭାବେ ବିନିଯୋଗ ହେଉନଥିବା ଅଭିଯୋଗ ହୋଇଥିଲା। ଏଥି ସହିତ ଗୋନା ଏବଂ ତୁରୁଡି ମେଡିକାଲରେ ଡାକ୍ତର ରହୁନଥିବା ବେଳେ ରାଇଘର ମେଡିକାଲରେ ଡାକ୍ତର ଏବଂ କର୍ମଚାରୀ ଅଭାବ ରହିଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ । ଏପରିକି ୧୦୨ ଏବଂ ୧୦୮ ଆମ୍ବୁଲାନ୍ସ ଚାଳକମାନେ ଗର୍ଭବତୀ ଏବଂ ରୋଗୀଙ୍କ ଠାରୁ ଅର୍ଥ ଦାବି କରୁଥିବା କୁନ୍ଦେଇ ସରପଞ୍ଚ ସନରାଜ ଗଣ୍ଡ ଅଭିଯୋଗ କରିଥିଲେ। ସମନ୍ୱିତ ଶିଶୁ ବିକାଶ ବିଭାଗର ଛତୁଆ ବଣ୍ଟନ ଏବଂ ଏହାର ମାନକୁ ନେଇ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଏଥି ସହିତ ୩ ବର୍ଷ ହେବ ଖିଲୋଲୀ ଓ କୁନ୍ଦେଇରେ ଅଙ୍ଗନବାଡି କେନ୍ଦ୍ର ଭଗ୍ନବସ୍ଥା ରହିଥିବାରୁ ଗ୍ରାମବାସୀଙ୍କ ଘରେ ପ୍ରାକ ଶିକ୍ଷାଦାନ ଚାଲୁଥିବା ଜନପ୍ରତିନିଧିମାନେ ଅଭିଯୋଗ ଉଠାଇଥିଲେ । କୃଷି ବିଭାଗ ପକ୍ଷରୁ ଏଏଓ ସନ୍ତୋଷ କୁମାର ନାୟକ ବିଭାଗର ବିଭିନ୍ନ ଯୋଜନା ବିଷୟରେ ଉପସ୍ଥାପନା କରିଥିଲେ। ଅପରପକ୍ଷରେ କାଳିଆ ଯୋଜନାରେ ସାମିଲ କରିବାକୁ ହିତାଧିକାରୀଙ୍କୁ ବିଭାଗୀୟ କର୍ମଚାରୀମାନେ ଟଙ୍କା ମାଗୁଥିବା ଜିଲା ପରିଷଦ ସଭ୍ୟା ମହାପାତ୍ର ଅଭିଯୋଗ ଉଠାଇଥିଲେ । ଚାଷୀମାନଙ୍କୁ ବୋରୱେଲ ଯୋଗାଇ ଦେବାରେ କୃଷି ବିଭାଗ ପାତର ଅନ୍ତର କରୁଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ । ମୋ ସ୍କୁଲ ଯୋଜନାରେ କିଛି କିଛି ଉନ୍ନୟନ ମୂଳକ କାମ ଆରମ୍ଭ ହେଲାଣି ବୋଲି ଏବିଇଓ ସଚିନ ମଲ୍ଲିକ କହିଥିଲେ । ସେହିଭଳି ଗ୍ରାମ ଜଳ ଯୋଗାଣ ଓ ପରିମଳ , ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଖାଦ୍ୟ ଓ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଜଳ ସେଚନ, ପଶୁ ପାଳନ, ବନବିଭାଗ,ଗ୍ରାମ୍ୟ ଉନ୍ନୟନ, ସମବାୟ, ପଞ୍ଚାୟତରାଜ, ରାଜସ୍ୱ,ବିଦ୍ୟୁତ ବିଭାଗ ସହ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।



ଦକ୍ଷତା ତାଲିମ କେନ୍ଦ୍ର ପରିସରରେ ଜିଲାପାଳ ଚାରା ରୋପଣ କରୁଛନ୍ତି।

## କୋଚିଂ ସେଣ୍ଟର ଉଦ୍‌ଘାଟିତ

**ନବରଙ୍ଗପୁର,୨୩।୧(ବି.ପ୍ର.)**

ନବରଙ୍ଗପୁର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଦକ୍ଷତା ତାଲିମ କେନ୍ଦ୍ର ଠାରେ କୋଚିଂ ସେଣ୍ଟରକୁ ଜିଲାପାଳ ଅଜିତ କୁମାର ମିଶ୍ର ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲାମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସମେତ ୪ ଜଣ ପ୍ରଫେସର ଉପସ୍ଥିତ ଥିଲେ । ଅନୁସୂଚିତ ଜାତି ଓ ଜନଜାତିର ଶିକ୍ଷିତ ଯୁବତୀ ଯୁବକମାନେ ସରକାରୀ ଚାକିରି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଜିଲାରେ କମ ସୁଯୋଗ ରହିଛି । ନବରଙ୍ଗପୁର ଜିଲାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ବିଭିନ୍ନ ସରକାରୀ ଚାକରି ପାଇଁ ବାହାରକୁ ଯାଇ କୋଚିଂ ନେବା ସମ୍ଭବ ହୋଇ ପାରୁ ନାହିଁ। ଏହା ଦ୍ୱାରା ସେମାନେ ବିଭିନ୍ନ ସରକାରୀ ଚାକିରି କମ ସଂଖ୍ୟାରେ ପାଉଛନ୍ତି । ଏନେଇ ଜିଲାପ୍ରଶାସନ ପକ୍ଷରୁ ଦକ୍ଷତା ତାଲିମ କେନ୍ଦ୍ର ଠାରେ ସ୍ୱତନ୍ତ୍ର କୋଚିଂ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଜ୍ୟ ସ୍ତରରେ ବିଭିନ୍ନ ପଦ ପଦବୀ ପରୀକ୍ଷା ହେଉଛି। ତେବେ ଉତ୍ତମ କୋଚିଂ ବ୍ୟବସ୍ଥା ନଥିବାରୁ ଛାତ୍ରୀଛାତ୍ର ଚାକିରି ପାଇବାରୁ ବଞ୍ଚିତ ହୋଇ ଯାଉଛନ୍ତି । ତେବେ ପ୍ରଶାସନ ପକ୍ଷରୁ କୋଚିଂ ସୁବିଧା ଯୋଗାଇ ଦେବା ପାଇଁ ଛାତ୍ରୀଛାତ୍ର ମାନଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଥିଲା । ମାର୍କ ଅନୁଯାୟୀ ୫୦ ଛାତ୍ରୀ ଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ୬ ମାସ ରହିବା ଖାଇବା ସୁବିଧା ସହ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦିଆଯିବ । ବ୍ୟାଙ୍କିଂ, ରେଲୱେ, ଷ୍ଟାଫ ସିଲେକସନ କମିଶନ, ଓଏସଏସସିଇଟି, ଏବଂ ଓଟିଇଟି ଭଳି ବିଭିନ୍ନ ପରିକ୍ଷା ପାଇଁ କୋଚିଂ ଦିଆଯିବ । ଏନେଇ ୪ ଜଣ ପ୍ରଫେସର କୋଚିଂ ଦେବେ । କୋଚିଂ ସମୟ ପରେ ଯେଉଁ ସମୟ ପାଇବେ ସେଥିରେ ପିଲାମାନଙ୍କୁ ସାଧାରଣଜ୍ଞାନ, ଆଚାର ବ୍ୟବହାର, ପ୍ରଶାସନୀକ ତଥା ପରୀକ୍ଷା ପାଇଁ ବ୍ୟବହାରିକ ଇଂଲିସ ଭାଷା ଶିକ୍ଷା, ଇନଫର୍ମେସନ ଟେକ୍ନୋଲୋଜି ଉପରେ ଶିକ୍ଷାପ୍ରଦାନ କରାଯିବ । ଏହି ସମସ୍ତ ଶିକ୍ଷା ପାଇଁ ବିଭାଗ ଅନୁଯାୟୀ ୪ ଜଣ ପ୍ରଫେସରଙ୍କୁ ନିୟୋଜିତ କରାଯାଇଛି । ଉଦଘାଟନ ପରେ ଜିଲାପାଳ ଦକ୍ଷତା ତାଲିମ କେନ୍ଦ୍ର ପରିସରରେ ଚାରା ରୋପଣ କରିଥିଲେ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଡାବୁଗାଁ ପ୍ରାଣୀ ଚିକିତ୍ସାଳୟ

**ଡାବୁଗାଁ,୨୩।୧(ଡି.ଏନ.ଏ.)**



ପ୍ରାଣୀ ଚିକିତ୍ସାଳୟ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଠାରେ ରହିଛି ବ୍ଲକ ପ୍ରାଣୀ ଚିକିତ୍ସାଳୟ । ଯେଉଁଠି ରାତି ହେଲେ ଅସାମାଜିକଙ୍କ ଆଡ୍ଡା ସ୍ଥଳୀ ପାଲଟି ଯାଉଛି। ଏହି ଚିକିତ୍ସାଳୟ ପରିସରରେ ରହିଛି ତିନୋଟି ଘର । ଗୋଟିଏ ଘରେ କାର୍ଯ୍ୟାଳୟ ଚାଲୁଛି ଓ ଅନ୍ୟ ୨ ଟି ଘରେ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଔଷଧ ଗଚ୍ଛିତ ରଖାଯାଉଛି । ସକାଳ ୮ ଟାରୁ ମଧ୍ୟାହ୍ନ୧୨ ଟା ଏବଂ ଅପରାହ୍ନ ୩ ଟା ରୁ ୫ ଟା ପର୍ଯ୍ୟନ୍ତ ଚିକିତ୍ସାଳୟ ଖୋଲାଯାଉଛି। ଏହାସହ ଚିକିତ୍ସାଳୟର ପଛପଟ ପାଚେରୀ ନାହିଁ ଓ ଆଗ ପଟରେ ମୁଖ୍ୟ ରାସ୍ତା ଉଚ୍ଚ ହେଉଥିବାରୁ ପାଚେରୀର ଉଚ୍ଚତା କମ ରହିଛି । ଚିକିତ୍ସାଳୟ ସମ୍ମୁଖରେ ଲଗାଯାଇଥିବା ମୁଖ୍ୟ ଫାଟକ ଭାଙ୍ଗି ଯାଇଛି । ଏହାର ସୁଯୋଗ ନେଇ ରାତି ହେଲେ ଅସାମାଜିକ ବ୍ୟକ୍ତିମାନେ ଚିକିତ୍ସାଳୟ ପରିସର ମଧ୍ୟକୁ ଯାଇ ଏକ ଘର ବରଣ୍ଡାରେ ବସି ମଦ୍ୟପାନ କରୁଛନ୍ତି । ପ୍ଲାଷ୍ଟିକ ଗ୍ଲାସ, କାଚ ବୋତଲ ଗୁଡିକ ଏଣେ ତେଣେ ପଡିଥିବା ସହ ବେଳେବେଳେ ଭଙ୍ଗା ବୋତଲ କାର୍ଯ୍ୟାଳୟ ସମ୍ମୁଖରେ ପଡିଥିବାର ଦେଖିବାକୁ ମିଳୁଛି । ଚିକିତ୍ସାଳୟକୁ ଆସୁଥିବା ଗାଈ ଗୋରୁଙ୍କ ଗୋଡରେ ଏହା ବାଜି ଆଘାତ ହେଉଛନ୍ତି । ଗାଈଗୋରୁଙ୍କ ଚିକିତ୍ସା କରାଇବା ପାଇଁ ଆସୁଥିବା ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚିକିତ୍ସାଳୟର ପଛ ପଟେ ପାଚେରୀ ନିର୍ମାଣ, ସମ୍ମୁଖରେ ନୂତନ ଫାଟକ ନିର୍ମାଣ, ନୂତନ ଚିକିତ୍ସାଳୟ ଗୃହ ଓ ଡାକ୍ତର ମାନଙ୍କ ରହିବା ପାଇଁ ଗୃହ ନିର୍ମାଣ କରିବା ପାଇଁ ଗୋ- ଚାଷୀ ମାନେ ଦାବୀ କରିଛନ୍ତି। ଏନେଇ ଡାବୁଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିଧୂତ ଶେଖର ମିଶ୍ର ଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟ ରାତିରେ ହେଉଥିବ। ଭଙ୍ଗା ଫାଟକ ଓ ରାତିର ସୁଯୋଗ ନେଇ ଏପରି କାର୍ଯ୍ୟ ହେଉଥିବ। ଫାଟକର ମରାମତି ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଥିଲେ।

## ସାମ୍ବିଧାନିକ ଅଧିକାରକୁ ନେଇ ସଚେତନତା ଶିବିର

**ନବରଙ୍ଗପୁର,୨୩।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଆଇନସେବା ପ୍ରାଧୀକରଣ ତରଫରୁ ଜିଲା ଆଇନଜୀବୀ ସମ୍ମିଳନୀ କକ୍ଷଠାରେ 'ନାଗରିକଙ୍କ ସମ୍ବିଧାନ ଅଧିକାର ଓ କର୍ତ୍ତବ୍ୟ ଏବଂ କ୍ଲିନରଙ୍କ ଅଧିକାର' ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ ଅଶୋକ କୁମାର ପଣ୍ଡା ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ଆର.କେ. ମହାପାତ୍ର, ରେଜିଷ୍ଟର ମନୋରଞ୍ଜନ ଦାସ, ବରିଷ୍ଠ ଦେୱାନୀ ଜଜ ଏସ୍. ଶୁଭଲକ୍ଷ୍ମୀ, ଜିଲା ଆଇନସେବା ପ୍ରାଧୀକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଦେୱାନୀ ଜଜ ସୁମନ୍ତ ପଟ୍ଟନାୟକ, ଆଇନୀଜୀବୀ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଆଇନଜୀବୀ, ପୋଲିସ ଅଫିସର ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇ ମୁଖ୍ୟ ଅତିଥି କହିଥିଲେ ଯେ, ସମ୍ବିଧାନିକ ଅଧିକାର ଲୋକଙ୍କ ନିକଟରେ କିପରି ପହଞ୍ଚିବ ଓ ସେମାନେ ସମ୍ବିଧାନିକ ଅଧିକାରରୁ କିପରି ବଞ୍ଚିତ ନ ହେବେ ସେ ନେଇ ବିଶେଷ କରି ଧ୍ୟାନ ଦେବାକୁ ହେବ । ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମୌଳିକ କର୍ତ୍ତବ୍ୟକୁ ଉଚିତ ଭାବରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। କ୍ଲିନରଙ୍କ ଅଧିକାର ପାଇଁ ଆଇନ ସେବାରେ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ରୋଗୀଙ୍କ ଚିକିତ୍ସା ପାଇଁ ଅଛନ୍ତି ଜଣେ ଡାକ୍ତର

### ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା

**ତେନ୍ତୁଳିଖୁଣ୍ଟି,୨୩।୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ରୋଗୀଙ୍କ ସେବା ପାଇଁ ଜଣେ ମାତ୍ର ଡାକ୍ତର ଅଛନ୍ତି। ପୂର୍ବରୁ ୨ ଜଣ ଡାକ୍ତର ଥିବା ବେଳେ ଜଣଙ୍କ ବଦଳି ହେବା ପରେ ଏବେ ମାତ୍ର ଜଣେ ଚୁକ୍ତିଭିତ୍ତିକ ଡାକ୍ତର ସେବା ଯୋଗାଉଛନ୍ତି। ଫଳରେ ରୋଗୀ ସେବା ବ୍ୟାହତ ହେଉଛି। ଓଡିଶା ଜଳ ବିଦ୍ୟୁତ ନିଗମର ଆର୍ଥିକ ସହାୟତାରେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକଳ୍ପ ଡାକ୍ତରଖାନା ପରିଚାଳିତ ହେଉଛି। ଏହି ଡାକ୍ତରଖାନାରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର ନିଯୁକ୍ତି ପାଇଥିଲେ। ୨୦୧୩ରେ ଜିଲା ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପଣସପଦର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡେପୁଟେସନରେ ଜଣେ ଆୟୁଷ ଡାକ୍ତରଙ୍କୁ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାକୁ ଅଣାଯାଇଥିଲା। ସେହିପରି ମମତା ଯୋଜନା ପାଇଁ ସ୍ୱାସ୍ଥ୍ୟ ବିଭାଗରୁ ଜଣେ ଏଏନଏମଙ୍କୁ ଏଠାରେ ଡେପୁଟେସନରେ ପଠାଯାଇଥିଲା। ବର୍ତ୍ତମାନ ଡେପୁଟେଶନରେ ଆସିଥିବା ଡାକ୍ତରଙ୍କୁ ମଙ୍ଗରଦୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବଦଳି କରାଯାଇଛି। କିନ୍ତୁ ସେଠାରେ ପୂର୍ବରୁ ଜଣେ ଡାକ୍ତର ଅଛନ୍ତି। ସେହିପରି ଏନଏନଏମଙ୍କୁ ମଧ ବଦଳି କରାଯାଇଛି। ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା ୩୦ ଶଯ୍ୟା ବିଶିଷ୍ଟ। ବର୍ତ୍ତମାନ ଏଠରେ ଜଣେ ଡାକ୍ତର, ୩ ଜଣ ଷ୍ଟାଫ ନର୍ସ, ୨ ଜଣ ଫର୍ମାସିଷ୍ଟ, ଜଣେ ଏକ୍ସରେ ଟେକ୍ନିସିଆନ ରହିଛନ୍ତି। ଡାକ୍ତର ଓ କର୍ମଚାରୀ ଅଭାବ ଦ୍ୱାରା କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରକଳ୍ପ ଡାକ୍ତରଖାନା ଉପରେ ତେନ୍ତୁଳିଖୁଣ୍ଟି ବ୍ଲକର ମଞ୍ଚାଗାଁ, ଗୌଡ ଦେଓପାଲି, ପରଜାବାରଙ୍ଗପଦର, ଲମତାଗୁଡା ସମେତ ନନ୍ଦାହାଣ୍ଡି ବ୍ଲକର ଜଗନ୍ନାଥପୁର, ଝାଡବନ୍ଧ ଏବଂ କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକର ପୋଡାପଦର, ତଳନାଗୀ, ଗୋପିନାଥପୁର, ମାଳିଗାଁ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ତୁରନ୍ତ ପ୍ରକଳ୍ପ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ପାଇଁ ଲୋକମାନେ ଦାବି କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଇଁ ପରେଡ ଅଭ୍ୟାସ

**ଉମରକୋଟ,୨୩।୧(ଡି.ଏନ.ଏ)**



ପିଲାମାନେ ପରେଡ ଅଭ୍ୟାସ କରୁଛନ୍ତି।

ସାଧାରଣତନ୍ତ୍ର ଦିବସ ପାଳନ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଡିଏନକେ ପରେଡ ପଡିଆଠାରେଏକ ପରେଡ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସରକାରୀ ତଥା ବେସରକାରୀ ମହାବିଦ୍ୟାଳୟ, ହାଇସ୍କୁଲ ଏବଂ ଘରୋଇ ବିଦ୍ୟାଳୟର ପ୍ରାୟ ୨୪ଟି ଏନସିସି ଏବଂ ସ୍କାଉଟ ଦଳ ସମେତ ସ୍ଥାନୀୟ ଶିଶୁମନ୍ଦିର ବିଦ୍ୟାଳୟର ଏକ ଗ୍ରୁପର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।ଏଥିରେ ତହସିଲଦାର ତଥା କମିଟିର ସଭାପତି ସୁବାସ ଚନ୍ଦ୍ର ସିଂ ଉପସ୍ଥିତ ରହି ତଦାରଖ କରିଥିଲେ। କମିଟିର ସଭ୍ୟ ତଥା ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ, ମାର୍କଣ୍ଡ ସାହୁ, ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି, ଶ୍ରୀଜଗନ୍ନାଥ ରାଉତ, ପ୍ରଦୋଷ କୁମାର ପଟ୍ଟନାୟକ, ନିକୁଞ୍ଜ ବେହେରା, ଏମ. ବିଜୟ କୁମାର, କୁମାରୀ ତନୁଜା ବିଶ୍ୱାସ ପ୍ରମୁଖ ଯୋଗଦେଇଥିଲେ ।

## ଏମଭି-୬୬ ବିଦ୍ୟାଳୟରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**କାଲିମେଳା,୨୩।୧(ଡି.ଏନ.ଏ.)**

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶଭକ୍ତ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ପଞ୍ଚାୟତର ଏମଭି-୬୬ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁଭାଷବୋଷଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକମାନଙ୍କ ସହଯୋଗରେ ପ୍ରାୟ ୧୨ ଫୁଟ ଉଚ୍ଚର ଏହିପ୍ରତିମୂର୍ତ୍ତିକୁ କାଲିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଏବିଇଓ ଚିନ୍ତା ହରଣ ମଧୁ, ସିଆରସିସି ନିକୁଞ୍ଜ ମଣ୍ଡଳ, ସହକାରୀ ଶିକ୍ଷକ ମୃଦଙ୍ଗ ରାୟ, ସମିର କୁମାର ଗୋପ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ ଦେବନାଥ,ଉପ ସଭାପତି ଚଞ୍ଚଳା ରାୟ, ସଦସ୍ୟ ନାରଦ ବାରୋଇ, ଶିକ୍ଷୟିତ୍ରୀ ମମତା ପଣ୍ଡା, ମନୋରମା ଆଚାର୍ଯ୍ୟ, ଶିକ୍ଷକ ସିଦ୍ଧାର୍ଥ ବରକୁନ୍ଦାସ, ପ୍ରେମ କୁମାର ସରଦାର,ଶ୍ରୀକାନ୍ତ ପାଢୀ, ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଉନ୍ମୋଚିତ ହୋଇଥିବା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି।

# ନେତାଜୀଙ୍କ ଜୟନ୍ତୀ ପାଳିତ



ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲାପାଳ ଓ ଅନ୍ୟମାନେ।



ଆରଏସ୍ଏସ୍ ପକ୍ଷରୁ ନଗର ପରିକ୍ରମା କରାଯାଉଛି।

**ନବରଙ୍ଗପୁର,୨୩।୧(ବି.ପ୍ର.)**

ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୩ ଜମ ଜୟନ୍ତୀ ପାଳିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସହର ସ୍ଥିତ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଜିଲାପାଳ କହିଥିଲେ ଯେ, ସୁଭାଷ ବୋଷ କହିଥିଲେ ଯେ, ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି । ତେବେ ଆମେ ସ୍ୱାଧୀନତା ଲାଭକରି ସାରିଛୁ । କିନ୍ତୁ ଜିଲାର ରକ୍ତହୀନତା ଓ ଗର୍ଭବତୀ ଙ୍କ ପାଇଁ ରକ୍ତ ଆବଶ୍ୟକ ପଡୁଛି । ସେହିଭଳି ଦୈନିକ ଦୁର୍ଘଟଣାରେ ଚିକିତ୍ସା ପାଇଁ ଆସୁଥିବା ଗୁରୁତରଙ୍କ ପାଇଁ ରକ୍ତ ଆବଶ୍ୟକ ପଡୁଛି ବୋଲି କହିଥିଲେ । ଆସନ୍ତା ସାଧାରଣତନ୍ତ୍ର ଦିବସରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଅଧିକରୁ ଅଧିକ ଲୋକ ଏହି ଶିବିରରେ ସାମିଲ ହୋଇ କିଭଳି ରକ୍ତଦାନ କରିବେ ସେଥିପ୍ରତି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତୋ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ମଙ୍ଗଳ ଅଧିକାରୀ ପବିତ୍ରମୋହନ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ, ବିଡିଓ ଲଳିତ ମଣ୍ଡଳ ପ୍ରମୂଖ ଯୋଗ ଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ଜ୍ଞାନ ମନ୍ଦିରର ଛାତ୍ରୀଛାତ୍ର, ଏକ୍ସବୋର୍ଡ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ସେହିଭଳି ଜିଲା ଭାଜପା ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ନେତାଜୀଙ୍କୁ ସ୍ମୃତି ଚାରଣ କରିଥିଲେ । ଯୁବ ନେତା ଗୌରୀ ଶଙ୍କର ମାଝୀ, ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ସୁରେନ୍ଦ୍ର ନାଥ ବିଷୋୟୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ମନୋଜ ମହାଣ୍ଟୁଡ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୂଖ ଯୋଗ ଦେଇଥିଲେ । ନେତାଜୀଙ୍କ ଜୟନ୍ତୀ ଅବସରରେ ଆରଏସଏସ ପକ୍ଷରୁ ସହର ପରିକ୍ରମା କରାଯାଇଥିଲା। ନବରଙ୍ଗପୁର କଂଗ୍ରେସ ଭବନ ଠାରେ ନେତାଜୀଙ୍କ ଜୟନ୍ତି ପାଳିତ ହୋଇ ଯାଇଛି। ଦିଲ୍ଲିପ କୁମାର ବେହେରା, କୁନା ପାଢୀ, ଟି. ଶ୍ରୀପତି, ସୁବାଷ ମହାପାତ୍ର, ବୃନ୍ଦାବନ ତ୍ରିପାଠୀ, ପ୍ରଦୀପ ସାହୁ, ସତ୍ୟନାରାୟଣ ତ୍ରିପାଠୀ, ଉମାଶଙ୍କର ଷଡଙ୍ଗୀ, ଉତ୍ତମ ତ୍ରିପାଠୀ ପ୍ରମୂଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।




# ବିବାହ ଉତ୍ସବରେ ଛୁରାମାଡ଼, ଜଣେ ଆହତ

ଜୟପୁର, ୨୩।୧ (ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ସହରର ନୂଆ ସାହି ୪ର୍ଥ ଲାଇନରେ ଗତ ବୁଧବାର ରାତିରେ ଏକ ବିବାହ ଉତ୍ସବାରେ ଛୁରାମାଡ଼ ହୋଇଛି । ଫଳରେ ଜଣେ ଆହତ ହୋଇଛନ୍ତି । ସେ ହେଲେ ଇଶ୍ୱର ହିଆଲ । ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ନୂଆସାହିରେ ଏକ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା । ଏଥିରେ ସାହିର ତୁଷାର ଗରଡା ନୃତ୍ୟ କରୁଥିବା ବେଳେ ଇଶ୍ୱର ହିଆଲଙ୍କ ସହିତ ଗୋଡ ବାଜିଯାଇଥିଲା । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଟସା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ତୁଷାର ଏକ ଛୁରି ଆଣି ଇଶ୍ୱରଙ୍କୁ ଆକ୍ରମଣ କରିଥିଲେ । ଫଳରେ ସେ ଆହତ ହୋଇଥିଲେ । ଏନେଇ ଗୁରୁବାର ଇଶ୍ୱର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ତୁଷାର ଫେରାର ଅଛନ୍ତି ।

# ରତ୍ନମୁଦ ମହୋତ୍ସବ ପ୍ରସ୍ତୁତି ବୈଠକ

ଦଶମନ୍ତପୁର, ୨୩।୧ ( ଡ଼ି.ଏନ.ଏ)

ଦଶମନ୍ତପୁର ବ୍ଲକସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ରଠାରେ ନବ ନିର୍ମିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନମୁଦ ମହୋତ୍ସବ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ତଥା ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ କହ୍ନେଇ ଜାନୀ, ସଦାଶିବ ପ୍ରଧାନୀ, କେ.ଟି.କେ.ମିଶ୍ର, କାହ୍ନୁଚରଣ ପରିଡ଼ା, ବଂଶୀଧର ଖାଡ଼ଙ୍ଗା, ସଦାଶିବ ନାୟକ, ସୂର୍ଯ୍ୟନାରାୟଣ ନନ୍ଦ, ବିଶ୍ୱନାଥ ବିଶୋଇ, ସମ୍ପାଦକ ସୁରେଶ ସୁବୁଦ୍ଧି, ଜି.ଗୋପାଳ ମଜୁମଦାର, ଅଜୟ ଖାଡ଼ଙ୍ଗା, ଭରତ ଗଉଡ଼ ଯୋଗ ଦେଇଥିଲେ। ଲକ୍ଷ୍ମୀପୁର ବ୍ଲକର କାକିରିଗୁମାରେ ଥିବା ଶ୍ରୀଧାମ ଜଗନ୍ନାଥ ମନ୍ଦିରର ପରିଚାଳନା କମିଟି ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ଆଗକୁ ଥିବା ଶାହାଡ଼ା ବୃକ୍ଷ ବରଣ କରିବା ସହ ୨୭ରେ ରତ୍ନମୁଦ ଏବଂ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି କରାଯାଇଛି। ଆଖପାଖ ତଳଗୌଡ଼ କଣ୍ଟା, ଉପର ଗୌଡ଼ କଣ୍ଟାର ପ୍ରତ୍ୟେକ ଘରର ସଦସ୍ୟ ଚନ୍ଦନ ଶ୍ରୀକ୍ଷେତ୍ର ମନ୍ଦିର ପାଇଁ ଶ୍ରମଦାନ କରୁଛନ୍ତି । ଇନ୍ଦ୍ର ସଚ୍ଚି ପ୍ରାଣ ପ୍ରତିଷ୍ଠା କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।









## ସଂକ୍ଷେପରେ

### ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଉଦ୍‌ଘାଟିତ

### ଲାଞ୍ଜିଆ ସଉରା ଅଞ୍ଚଳ ବୁଲିଲେ ଜିଲାପାଳ

ରାୟଗଡ଼ା ଅଫିସ, ୨୩।୧-ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଗୁରୁବାର ଲାଞ୍ଜିୟା ସୌରା ଉନ୍ନୟନ ସଂସ୍ଥା ପୁଟାସିଂ ଅଧୀନ ବିଭିନ୍ନ ଗ୍ରାମକୁ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ପରେ କେରବା ଗ୍ରାମରେ ୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏକ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେହିପରି କେରବାଠାରେ ନିର୍ମିତ ଏସ୍‌ଏଚ୍‌ଜି ଗୃହ ଓ ବନଜାତ ଦ୍ରବ୍ୟ ପ୍ରକ୍ରିୟାକରଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହାପରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଲାଞ୍ଜିଆ ସଉରାଙ୍କ ପାଇଁ ଉଦ୍ଦିଷ୍ଟ କେରବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ। ଏଠାରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଶମଡ଼ା ତଥା ଅଡ଼ବା ଗ୍ରାମବାସୀ ଉପସ୍ଥିତ ଥିଲେ। ଲାଞ୍ଜିଆ ସଉରା ଗୀତ, ନାଚରେ ଏଠାରେ ଗ୍ରାମବାସୀ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବେହେରା, ଗୁଣୁପୁର ଉପ ଜିଲାପାଳ ବୋନ୍ଦର ସିଦ୍ଧେଶ୍ୱର, ବଳିରାମ, ଗୁଣପୁର ଆଇଟଡିଏର ଗୋରାଚାନ୍ଦ ଗମାଙ୍ଗ , ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ୍ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ନିଆଁରେ ପୋଡ଼ି ଗୁରୁତର ଥିବା ଛାତ୍ରୀଙ୍କ ମୃତ୍ୟୁ

**ସୋର, ୨୩।୧(ଡି.ଏନ.ଏ.):** ଦୀର୍ଘ ୪୦ଦିନ ଧରି ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଗଲେ କଲେଜ ଛାତ୍ରୀ ପ୍ରଜ୍ଞାପାରମିତା। ଗୁରୁବାର କଟକ ଏସସିବି ମେଡ଼ିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୧୩ ତାରିଖରେ ସୋର ବ୍ଲକ ଆଟପୁର ପଞ୍ଚାୟତ ସାରୁପଦା ଗ୍ରାମର ଈଶ୍ୱର ଚନ୍ଦ୍ର ମହାନ୍ତିଙ୍କ ଝିଅ କୁଡ଼େଇ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଜ୍ଞାପାରମିତା ମହାନ୍ତି (୧୭) ନିଜ ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଚୁଲାରୁ ଅଗ୍ନିକାଣ୍ଡ ଘଟି ଦେହର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ତାଙ୍କୁ ପ୍ରଥମେ ସୋର ଏବଂ ପରେ କଟକ ଏସ୍‌ସିବିକୁ ନେଇ ଚିକିତ୍ସା କରାଯାଉଥିଲା। ସେବେଠାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ମୃତଦେହକୁ ନିଜ ଗ୍ରାମ ସାରୁପଦା ଅଣାଯାଇ ଶେଷକୃତ୍ୟ କରାଯାଇଛି।

# ବିଭିନ୍ନ ପ୍ରତିଯୋଗିତା, ଓଲିଉଡ୍ କଳାକାର ପ୍ରମୁଖ ଆକର୍ଷଣ

## ବଂଶଧାରା ବସନ୍ତ ମହୋତ୍ସବ ଉପଲକ୍ଷେ ପଥୋତ୍ସବ



ଉତ୍ସବରେ କଳସ ଶୋଭାଯାତ୍ରାର ପରିଚାଳିକାଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଗୁଣପୁର,୨୩।୧(ଡି.ଏନ୍.ଏ.)

ଗୁଣପୁରଠାରେ ଆସନ୍ତା ୩୦ରେ ରାଜ୍ୟସ୍ତରୀୟ ୮ମ ବଂଶଧାରା ବସନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମହିଳା ଓ ଯୁବଗୋଷ୍ଠୀଙ୍କୁ ନେଇ କ୍ରୀଡ଼ା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଗୁରୁବାର ଏଥିରେ ପଥୋତ୍ସବ ଅନଷ୍ଠିତ ହୋଇଥିଲା। ମେଡିକାଲ୍ ଛକରୁ ହଳଦିଆ ନାଳ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧିର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ସେହିପରି ବିଧାୟକ ରଘୁନାଥ ଗମାଙ୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଲଗ୍ନା ନାୟକ, ସମୀର ଶତପଥୀଙ୍କ ସମେତ ଓଲିଉଡ୍ କଳାକାର କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲେ। କାର୍ଯ୍ୟକ୍ରମରେ ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ ସଭାପତିତ୍ୱ କରିଥିଲେ। ଉମା ଦାସ ସ୍ୱାଗତ ଭାଷଣ ରଖିଥିଲେ। ଦିନ ତମାମ ଉତ୍ସବ ଚାଲିଥିବାବେଳେ ସନ୍ଧ୍ୟାରେ ୩୭୦ ଧାରା ଉଚ୍ଛେଦକୁ ନେଇ ଏକ ବିତର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଯୋଗୀମାନେ ଭାଗ ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ। କୃଷ୍ଣ ସେନାପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଚାରକଭାବେ ରାଜୀବ ସାହୁ ଏବଂ ଆଶୁତୋଷ ବରାଳ ଉପସ୍ଥିତ ଥିଲେ। ସେହିପରି ପିଲାମାନଙ୍କୁ ନେଇ ସ୍ମାର୍ଟ କିଡ୍‌ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ, ନୃତ୍ୟ,ଭାରୋତ୍ତଳନ ପ୍ରତିଯୋଗିତା ସହ ମହିଳାମାନଙ୍କ ମଧ୍ୟରେ ଝୋଟି, କଳସ ଚାଲି, ବାଉଁଶିବୋଲ, ଖାଦ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ସେହିପରି ମ୍ୟାଜିକ୍ ଶୋ' ସଙ୍ଗୀତ, ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ଗୌରି ସର୍‌ଗମ୍ ମେଲୋଡି, ଆଦିବାସୀ ପ୍ରତିଭା ଚୟନ, କରାଟେ, ଖୋଲା ପ୍ରଶ୍ନ ମଞ୍ଚ ଭଳି ଅନେକ ପ୍ରତିଯୋଗିତା ହୋଇଥିଲା। ବଂଶଧାରା ବସନ୍ତ ମହୋତ୍ସବ ପକ୍ଷରୁ ପ୍ରଥମଥର ପାଇଁ ପଥୋତ୍ସବ ମାଧ୍ୟମରେ ଏପରି କାର୍ଯ୍ୟକ୍ରମ ହୋଇଥିବାରୁ ଲୋକେ ବେଶ୍ ଉପଭୋଗ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉମାଚରଣ ପଟ୍ଟନାୟକ, ଗଣେଷ ପଣ୍ଡା, କୃଷ୍ଣ ସେନାପତି, ଗଦାଧର ପଣ୍ଡା, ଦେବୀ ଆଚାର୍ଯ୍ୟ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଅମଳା ସଂଘର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଖବରଦାତା ସମେଶ୍ୱର ରାଓ, କ୍ରିଡ଼ା ପରିଷଦର ସପନ ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବର, ଫାଲ୍‌ଗୁନି ଶବର ଉପସ୍ଥିତ ରହି ଉପଦେଷ୍ଟା ସୁଧିର ଦାସଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ବି. ଟି. ବି. ରାବଣାମୂର୍ତ୍ତି, ପଦ୍ମନ ପଣ୍ଡା, ଦିଲିପ ଚୌଧରୀ, ଦୁର୍ଗା ପାଣିଗ୍ରାହି, ଅଞ୍ଜଳି ଶତପଥୀ, ସନ୍ଧ୍ୟାରାଣି ପାଢ଼ୀ, ଅଶୋକ କର, ସାଗର ମିଶ୍ର, ଅମ୍ବିକାରାଣୀ ମହାପାତ୍ର, ସସ୍ମିତା ବାଉରୀ, ଡ. ପ୍ରଶାନ୍ତ ହୋତା, କୈଳାସ ଦାସ, ସରୋଜ ପାତ୍ର, ଜିତୁ ଶତପଥୀ, ରବି କୌଶଲ୍ୟା, ରମେଶ ଲିମା, ଦେବେନ୍ଦ୍ର ଦୋରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୬୯ଜଣଙ୍କୁ ଜଙ୍ଗଲ ଜମି ଅଧିକାର ଶିରୋନାମା ପ୍ରଦାନ

## ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟିତ

ମୁନିଗୁଡ଼ା,୨୩।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅଧୀନ ତେଲେଙ୍ଗାପଦରଠାରେ ଗୁଣପୁର ଆଇଟିଡିଏ ପକ୍ଷରୁ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସକୁ ଗୁରୁବାର ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଛନ୍ତି। ଏଥିସହ ୬୯ ଜଣଙ୍କୁ ଜଙ୍ଗଲ ଜମି ଅଧିକାର ଶିରୋନାମା ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଚୁମ୍‌କୀ ଗାଡେକା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟା ଭୂଷଣ ମହାନ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁ, ହାଇସ୍କୁଲ୍ ପ୍ରଧାନଶିକ୍ଷକ ହୃଷୀକେଶ ଘଡ଼େଇଙ୍କ ସମେତ ପୂର୍ବତନ ସରପଞ୍ଚ ବେଣୁଧର ଗାଡେକା, ପୂର୍ଣ୍ଣଚନ୍ଦ୍ର ଗୌଡ଼, ରତନଲାଲ୍ ଜୈନ, ବୃନ୍ଦାବନ ପାଢ଼ୀ, ଜ୍ୟୋତିପ୍ରସାଦ ସାହୁ, ପୁରୁଷୋତ୍ତମ ଜେନା ଉପସ୍ଥିତ ଥିଲେ। ମନ୍ତ୍ରୀ ସାରକା ଅନ୍ତେବାସୀ ଛାତ୍ରୀ ଏବଂ ଦିବାଧାୟୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା 'ଆମେ ପଢ଼ିବା ଏବଂ ଶ୍ରେଷ୍ଠ ହେବା' ଉଲ୍ଲେଖ କରି କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକମାନେ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ମନ୍ତ୍ରୀ ଜଗନ୍ନାଥ ସାରକା ଜମି ଅଧିକାର ଶିରୋନାମା ପ୍ରଦାନ କରୁଛନ୍ତି ।

# ଉତ୍ତମ ସମ୍ପର୍କ ଶିକ୍ଷାର ବିକାଶ କରିପାରିବ




ବାର୍ଷିକ ଉତ୍ସବରେ ସ୍କୁଲ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ଚିନ୍ମୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ରାୟଗଡା ଅଫିସ, ୨୩।୧

ରାୟଗଡ଼ା ଜିଲା ଥେରୁବାଲିସ୍ଥିତ ଚିନ୍ମୟ ବିଦ୍ୟାଳୟରେ ଗୁରୁବାର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସଭାପତି ଅଶୋକ କୁମାର ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଇମ୍ଫା କାରଖାନାର ଉପସଭାପତି କେ.ଭି ରାଓ ଓ ଚିନ୍ମୟ ବିଦ୍ୟାଳୟର ଅଧ୍ୟକ୍ଷ ନିଳେନ୍ଦୁ ଚାଟାର୍ଜୀ ଯୋଗ ଦେଇଥିଲେ । ବିଦ୍ୟାଳୟର ଶ୍ରୀଯୁକ୍ତ ବିଦ୍ୟାଧର ନାୟକ ବିବରଣୀ ପାଠ କରିଥିଲେ। ଉତ୍ତମ ବିଦ୍ୟା ଅଧ୍ୟୟନ ସହ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ଶିକ୍ଷାର ବିକାଶ ହୋଇପାରିବ ବୋଲି ମୁଖ୍ୟଅତିଥି ବେହେରା କହିଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୧୯ରେ ହୋଇଥିବା ଦଶମ ପରୀକ୍ଷାରେ ବିଦ୍ୟାଳୟ ସ୍ତରରେ ଏବଂ ଜିଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରୀଯାସ୍ମି ସାହୁଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଇମ୍ଫାର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁନିତା ଜି.ପିଲାଇଙ୍କ ଧନ୍ୟବାଦ ଦେଇଥିଲେ।

# ୩ଦିନରେ ୧୫ ଅସୁସ୍ଥ: ସଂଗ୍ରହ ହେଲା ଜଳ ନମୁନା

ରାୟଗଡ଼ା ଅଫିସ,୨୩।୧–

ରାୟଗଡ଼ାରେ ୩ ଦିନରେ ୧୫ଜଣ ଅସୁସ୍ଥ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନ୍ଦୀପ ମହାନ୍ତି କହିଛନ୍ତି, ଏମାନଙ୍କଠାରେ ଡିହାଇଡ୍ରେସନ୍(ଜଳୀୟଅଂଶ ଅଭାବ), ପେଟବ୍ୟଥା, ଅମ୍ଳପିତ୍ତ ସମସ୍ୟା ରହିଛି। ଫଳରେ ସେମାନଙ୍କ ଚିକିତ୍ସା ଚାଲିଛି। ନିକଟରେ ପୋଙ୍ଗଲ୍ ଏବଂ ମକର ସଂକ୍ରାନ୍ତି ଥିବାରୁ ଲୋକେ ଅଧିକ ଖାଇଥିବାବେଳେ ପାଣି କମ୍ ପିଉଥିବା ଯୋଗୁ ଏପରି ସମସ୍ୟା ହୋଇଛି। ଋତୁ ପରିବର୍ତ୍ତନ ମଧ୍ୟ ଏହାର କାରଣ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ଦିନ ମଧ୍ୟରେ ପ୍ରାୟ ୪୫୦ ରୋଗୀ ବିଭିନ୍ନ ରୋଗ ଯୋଗୁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କ ଏପରି ଅସୁବିଧା ରହିଛି। କାହାରିକୁ ସାଲାଇନ୍ ମଧ୍ୟ ଦିଆଯାଇନାହିଁ। କେବଳ ଓଆର୍‌ଏସ୍ ଏବଂ ଔଷଧ ଦ୍ୱାରା ଏମାନଙ୍କ ଚିକିତ୍ସା ଚାଲିଛି। ତଥାପି ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକଙ୍କ ନିର୍ଦ୍ଦେଶକ୍ରମେ ସହରର ବସ୍ତି ଅଞ୍ଚଳ କୁତୁରୁ, ଚେକାଗୁଡ଼ା, ଆଞ୍ଜିଆପେଟାରେ ମୁଖ୍ୟତଃ ଲାଇନ୍ ପାଣି ଯୋଗୁ ସେଠାରେ ଝାଡ଼ାବାନ୍ତିର ଆଶଙ୍କା ରହିଛି। ପାଣି ଫୁଟାଇ ପିଉ ନ ଥିବା ଯୋଗୁ ଏହି ୩ ଅଞ୍ଚଳରୁ ଜଳର ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିଲେ ସବୁ କିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଏନେଇ ଅନ୍ୟପକ୍ଷରେ ଏ ନେଇ ସିଡିଏମଓ ନାୟକ କହିଛନ୍ତି, ଝାଡ଼ାବାନ୍ତି ନେଇ ଆମ ପାଖରେ କୌଣସି ସୂଚନା ନାହିଁ। ଡିହାଇଡ୍ରେସନ୍ ଯୋଗୁ ୧୫ଜଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଖବର ରହିଛି। ଆମେ ଏହାର ତଦନ୍ତ କରୁଛୁ।

### ଗ୍ୟାସ୍‌ରୁ ନିଆଁ ଲାଗି ମହିଳା ଗୁରୁତର

ରାୟଗଡା ଅଫିସ, ୨୩।୧

ରାୟଗଡା ଥେରୁବାଲି ଝୁପୁଡ଼ି ସାହିରେ ପରଦେଶୀ ନନ୍ଦଙ୍କ ସ୍ତ୍ରୀ ଲଳିତା ନନ୍ଦ ରୋଷେଇ କରିବା ସମୟରେ ଗ୍ୟାସ ଚୁଲାରୁ ନିଆଁ ଲାଗି ଗୁରୁତର ଆହତ ହୋଇଛନ୍ତି। ରୋଷେଇ ବେଳେ ଗ୍ୟାସ ପାଇପ ଚୁଲାରୁ ଅଲଗା ହୋଇ ଏପରି ଘଟିଛି। ତାଙ୍କ ଶରୀର ୫୦ ପ୍ରତିଶତ ପୋଡିଯାଇଛି। ପରିବାର ଲୋକେ ତାଙ୍କୁ ରାୟଗଡାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାପାଇଁ ପରିବାର ଲୋକଙ୍କୁ କୁହାଯାଇଛି।

### ଶିଶୁ ମନ୍ଦିରରେ ନେତାଜୀ ଜୟନ୍ତି

ଟିକିରି,୨୩।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ଟିକିରି ପଞ୍ଚାୟତ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତି ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସଭାପତି ପ୍ରଭାକର ସାମନ୍ତରାୟ, ସମ୍ପାଦକ ହରିଚନ୍ଦ୍ର ସାହୁ, ମାଣିକେଶ୍ୱରୀ କଲେଜ ଅଧ୍ୟାପିକା ସରୋଜିନୀ ନନ୍ଦ, ପୂର୍ବତନ ସମ୍ପାଦକ ଜୟନ୍ତ ଗୁରୁଙ୍କ ସମେତ ପ୍ରେସ୍ ୟୁନିଅନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାଇଚାରା ସୃଷ୍ଟି କରେ ଝୋଡ଼ିଆ ପରଜାଙ୍କ ପୁଷ୍ ପରବ

ଟିକିରି,୨୩।୧(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ଝୋଡ଼ିଆ ପରଜାଙ୍କ ନିଆରା ପରବ ପୁଷ୍ ପରବ ଶେଷ ହୋଇଛି। ଏହା ସେମାନେ ପରମ୍ପରା ଅନୁଯାୟୀ ବିଶ୍ୱାସର ସହ ପାଳନ କରିଥାନ୍ତି। ଏହି କାଶୀପୁର ବ୍ଲକର ସମସ୍ତ ଝୋଡ଼ିଆ ପରଜା ଗ୍ରାମ ଉତସବ ମୁଖରିତ ହୋଇପଡିଛି। ପୁଷ ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ ଏହି ପର୍ବ ପାଳନ କରିଥାନ୍ତି । ଭଲ ଫସଲ ଅମଳ ସହ ଘରେ ରିଦ୍ଧିସିଦ୍ଧିର ବୃଦ୍ଧି ଏବଂ ସକଳ ସିଦ୍ଧିଲାଭ ହୋଇଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି । ନିଜ ଗ୍ରାମ ଇଷ୍ଟ ଦେବୀଙ୍କୁ ସନ୍ତୁଷ୍ଟ କରିବା ଲାଗି କାହିଁ କେଉଁ କାଳରୁ ଏହି ପରବ ସେମାନେ ପାଳନ କରି ଆସୁଛନ୍ତି । ଏହାକୁ ଗ୍ରାମରେ ୩/୪ ଦିନ ପର୍ଯ୍ୟନ୍ତ ପାଳନ କରାଯାଇଥାଏ। ଏନେଇ ଗ୍ରାମର ଜାନି ଗାଉଟିଆମାନେ ଗ୍ରାମରେ ଥିବା ନିଶାଣି ମୁଣ୍ଡାରେ ବସି ପୂଜାର୍ଚ୍ଚନା କରି ସମୟ ତିଥି ବାର ସ୍ଥିର କରନ୍ତି। ପରେ ଗ୍ରାମର ପ୍ରତ୍ୟେକ ଘରେ ୭ ଦିନ ପୂର୍ବରୁ ମାଣ୍ଡିଆ ଧାନ ଭଳି ଅନେକ ଶସ୍ୟକୁ ବତୁରାଇ ହାଣ୍ଡିଆ ଲଜା ପ୍ରସ୍ତୁତରେ କରିଥାନ୍ତି । ପରିବାରର ସମସ୍ତେ ନୂଆବସ୍ତ୍ର ପିନ୍ଧିବା ସହ ନିଶାନିମୁଣ୍ଡାରେ ପାରମ୍ପରିକ ବାଦ୍ୟଯନ୍ତ୍ର ତାଳେ ତାଳେ ନାଚଗୀତରେ ମସ୍‌ଗୁଲ ହୋଇଉଠନ୍ତି । ପରେ ଘରେ ଅଳସୀ ପିଠା ବନାଯାଇଥାଏ। ପ୍ରତି ଘରକୁ ଶୁଖୁଆ ଅଣାଯାଇଥାଏ । ପରବ ଶେଷ ଦିନ ଗ୍ରାମରେ ଥିବା ନିଶାଣିମୁଣ୍ଡା ନିକଟରେ ସମସ୍ତ ଘରରୁ ଅଳସୀ ପିଠା, ଶୁଖୁଆ ହାଣ୍ଡିଆ, ଲା ଆଣି ଗୋଟିଏ ଜାଗାରେ ଏକତ୍ର କରିଥାନ୍ତି। ଜାନି ବେଜୁଣିମାନେ ଗ୍ରାମରେ ନିଶାଣିମୁଣ୍ଡାରେ ଏହାକୁ ପୂଜାର୍ଚ୍ଚନା କରନ୍ତି । ପରେ ସେଠାରେ ଥିବା ଶୁଖୁଆକୁ ରୋଷେଇ କରିବା ପାଇଁ ନିଆଯାଇଥାଏ । ଶୁଖୁଆ ରୋଷେଇ ପରେ ଗ୍ରାମର ସମସ୍ତ ଲୋକେ ଏକାଠି ହୋଇ ହାଣ୍ଡିଆ ଲଜା ସହ ଶୁଖୁଆକୁ ଖାଇଥାନ୍ତି । ଏହାଦ୍ୱାରା ଗ୍ରାମବାସୀଙ୍କ ଭିତରେ ଭାଇଚାରା ସମ୍ପର୍କ ପ୍ରତିଷ୍ଠା ହୋଇଥାଏ। ଲୋପ ପାଇଯାଉଥିବା ସଂସ୍କୃତିକୁ ପୁନଃଜୀବିତ କରିବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଚୁରନି ମାରିଭଟା ଗ୍ରାମର ଗୁରୁନାଥ ଝୋଡିଆ କହିଛନ୍ତି ।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ

ମୁନିଗୁଡ଼ା/ଗୁଣପୁର/ଥେରୁବାଲି,୨୩।୧(ଡି.ଏନ୍.ଏ./ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅଧୀନ ତେଲେଙ୍ଗାପଦର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୩ ତମ ଜୟନ୍ତି ପାଳିତ ହୋଇଛି। ପ୍ରଧାନଶିକ୍ଷକ ହୃଷିକେଶ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗିରଥି ସାହୁ, ସରପଞ୍ଚ ଚୁମ୍‌କି ଗାଡେକା, ସମାଜସେବୀ ଗୌରାଙ୍ଗ ଚରଣ ରାଉତ, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ଖବରଦାତା ସୂର୍ଯ୍ୟକାନ୍ତ ବେହେରା, ଧନୁ କୁଶଲ୍ୟା, ସନାତନ ନାୟକ, ଲାଡି ଶଙ୍କର, ପ୍ରସାଦ ସାହୁକାର, ସି.ଏଚ୍. ଗଣେଶ୍ୱର ରାଓ, ପ୍ରିୟରଞ୍ଜନ ସାହୁକାର ଅତିଥିଭାବେ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ମୁନିଗୁଡ଼ା ପଞ୍ଚାୟତ ସମିତିର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଗୁଣପୁରଠାରେ ମଧ୍ୟ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଛି। ଗୁଣପୁର କଲେଜ ଅଧ୍ୟକ୍ଷ ଡ. ବାମଦେବ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, କାର୍ଯ୍ୟାଳୟ ଅଧୀକ୍ଷକ ଶିବ ପ୍ରସାଦ ତ୍ରିପାଠୀ, ଶଶୀଭୂଷଣ ମହାନ୍ତି ଉପସ୍ଥିତ ଥିଲେ। ସେହିଭଳି ଚିନାସାରି ନେତାଜୀ ଉଚ୍ଚବିଦ୍ୟାଳୟରେ ମଧ୍ୟ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ସରପଞ୍ଚ ନିର୍ମଳା ମଣ୍ଡଳ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ପ୍ରଦୀପ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ, ଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ର, ମଧୁସୂଦନ ପଟ୍ଟନାୟକ, ବିଶ୍ୱନାଥ ପାଢ଼ୀ, ସମିତି ସଭ୍ୟ ନାଜିତ ରଇତ, ପୂର୍ବତନ ଜିଲା ପରିଷଦ ସଭ୍ୟା ସିନେମି ଶବର, ହରିଜନ କୂଳ ସଂଘର ବି. କାନ୍ତା ରାଓ ଉପସ୍ଥିତ ଥିଲେ। ଜିଲାର କୋଲନରା ବ୍ଲକ୍ ଥେରୁବାଲିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ସଭାପତି ନବଘନ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ସଦସ୍ୟା ଭାରତୀ ସାହୁ ନେତାଜୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ରୂପଶ୍ରୀ ଧଳ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଶିଶୁ ମନ୍ଦିର ଆନୁକୂଲ୍ୟରେ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଥେରୁବାଲି ପଞ୍ଚାୟତର ସରପଞ୍ଚ କମଳା ହିକ୍‌କା, ଉପସଭାପତି ପ୍ରହ୍ଲାଦ ହିକ୍‌କା, ସମ୍ପାଦକ ସନ୍ତୋଷ କୁମାର ସାହୁ, ଯୁଗ୍ମ ସମ୍ପାଦକ ଧ୍ରୁବଚରଣ ଶୁକ୍ଳା, କୋଷାଧ୍ୟକ୍ଷ ରାଉଳ କାଳସୀ ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଜୀଙ୍କ ଜୀବନୀରୁ ଛାତ୍ରୀଛାତ୍ର ଶିଖିବା ଆବଶ୍ୟକ




କାର୍ଯ୍ୟକ୍ରମରେ ମଞ୍ଚାସୀନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଓ ଅନ୍ୟମାନେ।

## ଆଜାଦ୍ ହିନ୍ଦ୍ ୟୁଥ୍ କ୍ଲବ୍ ପକ୍ଷରୁ ନେତାଜୀ ଜୟନ୍ତୀ

ରାୟଗଡ଼ା ଅଫିସ, ୨୩।୧

ଆଜାଦ୍ ହିନ୍ଦ୍ ୟୁଥ୍ କ୍ଲବ୍ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତି ପାଳିତ ହୋଇଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ୨ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଗୁରୁବାର ସକାଳେ ରାମଧୁନ ପାଠ କରାଯାଇଥିଲା। ସହରରେ ଥିବା ବିଭିନ୍ନ ସ୍କୁଲ୍, କଲେଜର ଛାତ୍ରୀଛାତ୍ର ନିଜ ସ୍କୁଲରୁ ଏକ ଶୋଭାଯାତ୍ରାରେ ବାହାରି ଆଜାଦ ହିନ୍ଦ୍ ୟୁଥ ଆସୋସିଏସନ୍ ନିକଟରେ ପହଞ୍ଚିଥିଲେ। ଏଥିରେ ରାଜ୍ୟସଭା ଏମ୍‌ପି ଏନ୍. ଭାସ୍କର ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତୀରେପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉପଲକ୍ଷେ ଏମ୍‌ପି ନିଜ ଅଭିଭାଷଣରେ କହିଛନ୍ତି, ନେତାଜୀଙ୍କ ଜୀବନିରୁ ପିଲାମାନେ ଶିଖିବା ଆବଶ୍ୟକ ବୋଲି କହିଥିଲେ। ଦେଶ ପାଇଁ ତାଙ୍କ ତ୍ୟାଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି କ୍ଲବ୍ ପକ୍ଷରୁ ପିଲାମାନଙ୍କ ପାଇଁ ଏକ ଇ-ଲାଇବ୍ରେରୀର ଉଦ୍‌ଘାଟନ କରିବା ସହ ଏହା ଦ୍ୱାରା ପିଲାମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସଭା ଏମ୍‌ପି ରାଓଙ୍କ ସମେତ ଅନୁସୂଚିତ ଜାତି ଜନଜାତି ଓ ସଂଖ୍ୟାଲଘୁ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ ,ଜିଲା ବିଜେଡି ସଭାପତି ଲାଲ୍ ବିହାରୀ ହିମିରିକା, ଜିଲାପାଳ ପ୍ରମୋଦ କୁମାର ବେହେରା, ଆଇନଜୀବୀ ବିନାୟକ କର , ରାଜନୀତି ବିଜ୍ଞାନ ପ୍ରଫେସର ଡ଼ି.କେ ମହାନ୍ତି ମଞ୍ଚାସୀନ ଥିଲେ। ବୋଷ୍‌ଙ୍କ ଭଳି ସଂଗ୍ରାମୀ ହୋଇ ଅଖଣ୍ଡ ଭାରତ ଗଢ଼ି ତୋଳିବାକୁ ଅତିଥିମାନେ ପିଲାଙ୍କୁ ଉପଦେଶ ଦେଇଥିଲେ। ପରେ କ୍ଲବ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






ମୁନିଗୁଡା, ଗୁଣପୁର, ଚନ୍ଦ୍ରପୁର ଓ ଥେରୁବାଲିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ପାଳିତ ହୋଇଥିବା ନେତାଜୀ ସୁଭାଷ ବୋଷ ଜୟନ୍ତୀ କାର୍ଯ୍ୟକ୍ରମ ।



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ



### ନେତାଜୀ ଜୟନ୍ତୀରେ ସ୍ୱାସ୍ଥ୍ୟସେବା ଶିବିର

**ଏମଭି ୭୯,୨୩।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ପିଭି- ୮୧ ଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ନେତାଜୀ ଯୁବକ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଏମ୍‌ପିଭି-୮୧ ଗ୍ରାମରେ ସଂଘ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରାଚଳମରୁ ଆସିଥିବା ଡାକ୍ତର ଶ୍ରୀଧର ବର୍ମା, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ ବିଶ୍ୱାସ, ପିଣ୍ଟୁ ବିଶ୍ୱାସ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନେତାଜୀଙ୍କ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ଆୟୋଜିତ ରକ୍ତଦାନ ଶିବିରରେ ଆନ୍ଧ୍ର ପ୍ରଦେଶରୁ ଆସିଥିବା ୫ ଜଣିଆ ଡାକ୍ତରୀ ଦଳ ଏହି ଅଞ୍ଚଳର ୧୦ଟି ପଞ୍ଚାୟତର ପ୍ରାୟ ୨ହଜାର ଲୋକଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇଦେଇଥିଲେ। ସ୍ଥାନୀୟ ପୋଲିସ, ଯୁବତୀଯୁବକ ଓ ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ।

### ସାଧାରଣତନ୍ତ୍ର ଦିବସ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



**ଚିତ୍ରକୋଣ୍ଡା,୨୩।୧(ଡି.ଏନ.ଏ.):** ଚିତ୍ରକୋଣ୍ଡା ଖେଳ ପଡିଆଠାରେ ଆସନ୍ତା ୨୬ରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁପି ସ୍କୁଲ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଗୋଜିଆଗୁଡା ପ୍ରାଥମିକ ବିଦ୍ୟାଳୟ, ଢେପସାହି ପ୍ରାଥମିକ ବିଦ୍ୟାଳୟ, ଟେମ୍ପରାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଡାଏଟେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୩ଦିନ ଧରି ଚିତ୍ରାଙ୍କନ, ଗୀତ, କୁଇଜ, ଏକକ ଅଭିନୟ, ବକ୍ତୃତା ଓ ରଚନା ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଜୁନିୟର ଓ ସିନିୟର ବିଭାଗରେ ବିଭକ୍ତ କରାଯାଇଥିଲା। ଆସନ୍ତା ୨୫ରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ୬ଟି ପ୍ରତିଯୋଗିତା ହେବ। ଅନୁଷ୍ଠିତ ପ୍ରତିଯୋଗିତାକୁ ଦେବେନ୍ଦ୍ର ଦାଶ, ନିରୋଦ ଜେନା, ମାନସ ରଞ୍ଜନ ସାହୁ, ଲିପିକା ସାମନ୍ତରାୟ ପରିଚାଳନା କରିଥିଲେ।

### ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



**ଡାବୁଗାଁ,୨୩।୧(ଡି.ଏନ.ଏ.):** ଡାବୁଗାଁ ବ୍ଲକ ଅଧୀନ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଦୁଇ ବୀର ପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ଦୁଇ ବୀର ମହାପୁରୁଷଙ୍କ ସ୍ମୃତି ଉଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀ କୁନ୍ତିମା ଭତ୍ରା, ହେମବତୀ ପନକା ଓ ଅଷ୍ଟମ ଶ୍ରେଣୀର ଛାତ୍ରୀ ଅମିତା ଭତ୍ରା, ରୁନିତା ସାନ୍ତା ଦୁଇ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ଅଧାପକ ସନାତନ ଭୋଇ ନେତାଜୀଙ୍କ ଦେଶପ୍ରିତି ବିଷୟରେ ବୁଝାଇଥିଲେ। ସେମାନଙ୍କ ଜୀବନୀରୁ ଶିକ୍ଷା ଲାଭ କରିବା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଅଧକ୍ଷ ସୁକାନ୍ତ କୁମାର ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ଦୀପ୍ତିରଞ୍ଜନ ବେହେରା ପରିଚାଳନା କରିଥିଲେ।

# ହାତୀ ଆତଙ୍କ: କରୁଛନ୍ତି ବ୍ୟାପକ ଫସଲ ନଷ୍ଟ

**ପାରଳାଖେମୁଣ୍ଡି, ୨୩।୧(ସ୍ୱ.ପ୍ର.)**


ଆତଙ୍କ ସୃଷ୍ଟି କରୁଥିବା ହାତୀପଲ।

ଗଜପତି ଜିଲା ଗୋଷାଣୀ ବ୍ଲକରେ ହାତୀ ଆତଙ୍କ ପୁଣି ଦେଖା ଦେଇଛି। ଏହି ବ୍ଲକ ଅନ୍ତର୍ଗତ ଶରଧାପୁର, ଅଗରଖଣ୍ଡି, ଭିନୋଲା, ଲାବାଣ୍ୟଗଡ ଆଦି ଗ୍ରାମ ସହ ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଗ୍ରାମରେ ବୁଧବାର ହାତୀ ଆତଙ୍କ ସୃଷ୍ଟି କରିଛନ୍ତି। ହାତୀ ବ୍ୟାପକ ଫସଲ କ୍ଷୟକ୍ଷତି କରୁଥିବା ଅଞ୍ଚଳବାସୀ କହିଛନ୍ତି। ଖବରପାଇ ବନବିଭାଗ ପକ୍ଷରୁ ହାତୀ ଘଉଡାବା ପାଇଁ ଏକ ଟିମ୍ ପହଞ୍ଚି ତୀକ୍ଷଣ ନଜର ରଖିଛନ୍ତି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିବେକ କୁମାର ତ୍ୟାଗୀଙ୍କୁ ପଚାରିବାରୁ ସେ କହିଲେ ଯେ, ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ହାତୀଙ୍କ ଗତିବିଧି ଉପରେ ସର୍ବଦା ଦୃଷ୍ଟି ରଖିଛନ୍ତି। ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଆନ୍ଧ୍ର ବନବିଭାଗର ଏକ ଟିମ ମଧ ହାତୀଙ୍କ ଉପରେ ନଜର ରଖିଛି। ଯଦି ହାତୀଙ୍କ ଦ୍ୱାରା କୌଣସି ଚାଷୀଙ୍କ ଫସଲ କ୍ଷୟକ୍ଷତି ହୋଇଥାଏ ତେବେ ଆକଳନ ଅନୁଯାୟୀ ତାଙ୍କୁ ସହାୟତା ରାଶି ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ତ୍ୟାଗୀ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ହାତୀ ପୋଲ ସୀମାନ୍ତବର୍ତ୍ତୀ ଆନ୍ଧ୍ରର ବନାଞ୍ଚଳରେ ରହିଥିବା ଜଣାପଡିଛି। ହାତୀ ପଲରେ ୬ଟି ହାତୀ ରହି ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ଧରି ହାତୀଙ୍କ ଯୋଗୁ ଏହି ଅଞ୍ଚଳରେ ଅନେକ ଫସଲ କ୍ଷୟକ୍ଷତି ହୋଇଛି।

■ ୩୩ ବସ୍ତା ଚାଉଳ ହଡ଼ପ ଅଭିଯୋଗ

# ମୁହଁ ଖୋଲିଲେ ପିଇଓ

**ରାୟଗଡ(ଗଜପତି), ୨୩।୧(ଡି.ଏନ.ଏ)**

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ଲାଇଲାଇ ପଞ୍ଚାୟତରେ ୩୩ବସ୍ତା ପିଡିଏସ ଚାଉଳ ହଡପ ଅଭିଯୋଗ ସମ୍ପର୍କରେ ଗଣମାଧମରେ ପ୍ରକାଶ ପାଇବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୩ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଏହା ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଉକ୍ତ ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶମ୍ଭୁନାଥ କୁଡୁମ୍ବା କହିଛନ୍ତି ଯେ, ଘଟଣାରେ ମୋର କିଛି ଭୁଲ ନାହିଁ। ଚାଉଳ ନଷ୍ଟକୁ ସ୍ୱୀକାର କରିବା ସହ ତାହା କେଉଁଠି ରଖାଗଲା କି କେଉଁଠାରେ ତାହା ଫିଙ୍ଗାଗଲା ସେ ବିଷୟରେ କିଛି ଜାଣି ନଥିବା କହିଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛୁ ଯେ, ପ୍ରତି ପଞ୍ଚାୟତରେ ଚାଉଳ ବଣ୍ଟନ ଏବଂ ରକ୍ଷାଣବେକ୍ଷଣର ଉତ୍ତରଦାୟୀ ହିସାବରେ ପିଇଓ ରହିଥିବା ବେଳେ ୩୩ବସ୍ତା ଚାଉଳ ନଷ୍ଟ ହେବା କିଭଳି ସେ ଜାଣି ପାରିଲେ ନାହିଁ। ଯୋଗାଣ ସହାୟକଙ୍କ ଉପରେ ଦୋଷ ଲଦିଦେବା ସାଧାରଣରେ ପ୍ରଶ୍ନବାଚୀ ହୋଇପଡିଛି। ବର୍ତ୍ତମାନ ୩ମାସ ଧରି ୩୦ରୁ ଉର୍ଦ୍ଧ୍ୱ ପରିବାର ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସରପଞ୍ଚ ସବୁ ଜାଣିଛନ୍ତି ବୋଲି ପିଇଓ କହିଛନ୍ତି। ସରପଞ୍ଚ ମନୋଜ ଶବର ଏହାକୁ ଖଣ୍ଡନ କରିବା ସହ ଏ ବିଷୟରେ କିଛି ଜାଣିନାହିଁ। ଜିଲା ପଞ୍ଚାୟତ ଅଧିକାରୀ ତଦନ୍ତ ପାଇଁ ଆସିଲା ପରେ ଗୁମର ଫିଟିଲା। ପରେ ଏ ସମ୍ପର୍କରେ ଜାଣିଲି ବୋଲି କହିଛନ୍ତି। ଏଣୁ ଏହାର ତୁରନ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚାଉଳ ପାଇବାରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ ଚାଉଳ ଯୋଗାଇବା ସାଧାରଣରେ ଦାବି ହେଉଛି।

# ୨ ସ୍ଥାନରେ ନେତାଜୀ ଜୟନ୍ତୀ ପାଳିତ

**ପାରଳାଖେମୁଣ୍ଡି/ଗୁମ୍ମା, ୨୩।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦ୍ୱାରା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ରୀନା ସାହୁ ଉଦ୍‌ଘାଟନକରି ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ.ଭାରତୀ ପାଣିଗ୍ରାହୀ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନ ତଥା ଆଜାଦ ହିନ୍ଦ୍ ଫୌଜର ଭୂମିକା ଉପରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀମାନେ ମଧ ନିଜ ବକ୍ତବ୍ୟରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜେଶ ପାତ୍ର ଏବଂ ଏଲ୍.ଦୁର୍ଯ୍ୟୋଧନ ପରିଚାଳନା କରିଥିଲେ।

ସେହିପରି ଗୁମ୍ମା ବ୍ଲକ ଅନ୍ତର୍ଗତ ଅଙ୍ଗଡା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିପତି ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେତାଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିରୂପେ ସାମନ୍ତ ପାଣି, ମଦନ ମଲ୍ଲିକ, ରୁବନୀ ଗମାଙ୍ଗ, ମୋହନ ଶବର ଯୋଗ ଦେଇଥିଲେ। ଅରବିନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ଏସ୍ ପକ୍ଷରୁ ବାଲ୍ ସଂଚଳନ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ, ୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରାୟଗଡ଼ାରେ ଗୁରୁବାର ଜିଲାସ୍ତରୀୟ ବାଲ୍ ସ୍ୱୟଂ ସେବକ ପଥ ସଂଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦିନିକିଆ ଶିବିରରେ ସମଗ୍ର ଜିଲାରୁ ଶତାଧିକ ସ୍ୱୟଂସେବକ ଯୋଗ ଦେଇଥିଲେ। ପ୍ରଥମେ ସ୍ଥାନୀୟ ତେଜସ୍ୱୀ ପଡ଼ିଆରେ ସଂଚଳନର ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବାଦ୍ୟ ବାଜଣା ସହ ସହର ପରିକ୍ରମା କରାଯାଇଥିଲା। ବାଲ୍ ସ୍ୱୟଂସେବକମାନେ ଗୈରୀକ ଧ୍ୱଜକୁ ସଂଚଳନ କରିବା ସହ ଧୁନ୍ ସହ ପରିକ୍ରମାରେ ବାହାରିଥିଲେ। ଆଇସିଡ଼ିଏସ୍ ଛକରୁ ବାହାରି ଗାନ୍ଧିନଗର, ଜିଲାପାଳଙ୍କ ବାସଭବନ, ଟ୍ରାଫିକ ଛକ, କପିଳାସ, ବିବେକାନନ୍ଦ ସ୍କୁଲ୍ ଦେଇ ପୁଣି ଆଇସିଡିଏସ୍ ଛକରେ ଧ୍ୱଜ ପ୍ରଣାମ ପରେ ସଂଚଳନ ସମାପ୍ତ କରାଯାଇଥିଲା। ଏଥିରେ ଜିଲା ସଂଘ ଚାଳକ ନନ୍ଦ କିଶୋର ଚୌଧୁରୀ, ନଗର ପ୍ରଚାର ପ୍ରମୁଖ ଶିବାଜୀ ଦାସ, ଦିଲୀପ ପଣ୍ଡା, ସଗମ ସୁନ୍ଦର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଏମ୍‌ପିଙ୍କ ମହେନ୍ଦ୍ରତନୟା ଆନିକଟ ଗସ୍ତ


ଏମ୍‌ପି ଚନ୍ଦ୍ରଶେଖର ସାହୁ ଆନିକଟ ପରିଦର୍ଶନ କରୁଛନ୍ତି।

**ରାୟଗଡ(ଗଜପତି), ୨୩।୧(ଡି.ଏନ.ଏ.)**

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ଡମ୍ବାପୁରସ୍ଥିତ ମହେନ୍ଦ୍ରତନୟା ପ୍ରକଳ୍ପକୁ ଗୁରୁବାର ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଗସ୍ତକରି ଅନୁଧ୍ୟାନ କରିଛନ୍ତି। ଉକ୍ତ ପ୍ରକଳ୍ପ ୨୦୦୮ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପ୍ରକଳ୍ପର ବୈଷୟିକ ଅସୁବିଧା ହେତୁ ଅଧାରେ ଅଟକି ରହିଛି। ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ ଉକ୍ତ ପ୍ରକଳ୍ପ ଯେପରି ଶୀଘ୍ର ଶେଷ ହୋଇ ଏହା ଦ୍ୱାରା ଲୋକେ ସୁବିଧା ପାଇବେ ସେଥିପାଇଁ ଗୁରୁତ୍ୱାରୋପ କରାଯିବ ବୋଲି ସେ କହିଥିଲେ। ଏମପିଙ୍କ ସହ ଜିଲା ସଭାପତି ପ୍ରଦୀପ ନାୟକ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଅନ୍ତଯ୍ୟାମୀ ଗମାଙ୍ଗ, ଜିଲା ଉପାଧ୍ୟକ୍ଷ ଆର. ବିଜୟ କୁମାର, ବ୍ଲକ ଅଧକ୍ଷ ଧନେଶ୍ୱର ଭୂୟାଁ, ବରିଷ୍ଠ ନେତା ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏଏକୁ ନେଇ ଭାଜପାର ଜନଜାଗରଣ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୩।୧(ସ୍ୱ.ପ୍ର.)**


ଭାଜପା ପକ୍ଷରୁ ବାହାରିଥିବା ଜନଜାଗରଣ ଶୋଭାଯାତ୍ରା।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ନାଗରିକତ୍ୱ ସଂଶୋଧନ ଅଧିନିୟମ(ସିଏଏ)କୁ ନେଇ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲା ଭାଜପା ପକ୍ଷରୁ ଏକ ଜନଜାଗରଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡ ନିକଟରୁ ବାହାରି ସ୍ଥାନୀୟ ଟାଉନ ହଲ୍ ସମ୍ମୁଖରେ ପହଞ୍ଚିଲା। ପରେ ସେଠାରେ ଏକ ସଭା ହୋଇଥିଲା। ଏହି ସଭାରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ସଭାପତିତ୍ୱକରି ନାଗରିକତ୍ୱ ସଂଶୋଧନ ଅଧିନିୟମର ଉଦ୍ଦେଶ୍ୟ ଏବଂ ଏହା ଏକ ଜନହିତକାରୀ ନିୟମ ବୋଲି ମତ ଦେଇଥିଲେ। ପୂର୍ବତନ ଏମ୍‌ପି ଐରଖାରବେଳ ସ୍ୱାଇଁ ଯୋଗଦେଇ ନାଗରିକତ୍ୱ ସଂଶୋଧନ ଅଧିନିୟମ ସମସ୍ତ ନାଗରିକମାନଙ୍କ ହିତ ପାଇଁ କରାଯାଇଛି। ଏହା କୌଣସି ଭାରତୀୟଙ୍କ ନାଗରିକତାରେ ଆଞ୍ଚ ଆଣିବ ନାହିଁ ବୋଲି ପ୍ରକାଶ କରିଥିଲେ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହା ବିରୋଧରେ ପ୍ରଚାରକରି ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସାଧାରଣ ଲୋକେ ଏହା ଦ୍ୱାରା ପ୍ରଭାବିତ ନ ହେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଭାରୀ ସିଦ୍ଧାନ୍ତ ଗଙ୍ଗଦେବ, ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ଶାରଦା ଶତପଥୀ, ଜିଲା ପରିଷଦ ଅଧକ୍ଷା ଅନିତାରାଣୀ ବେହେରା, ଗୋଷାଣୀ ବ୍ଲକ ଅଧକ୍ଷା ସି.ଏଚ୍.ତାରେକେଶ୍ୱରୀ, ପୂର୍ବତନ ପୌରାଧକ୍ଷ ତିରୁପତି ନାୟକ, ପିନିଷ୍ଟି କ୍ରିଷ୍ଣା, ନୃସିଂହ ଚରଣ ପଟ୍ଟନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ଜମିଦାର ପଟ୍ଟନାୟକ, କେ.ପୁଣ୍ୟବତୀ, ବାରିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଆରଏସ୍‌ଏସ୍ କର୍ମୀମାନେ ସହର ପରିକ୍ରମା କରୁଛନ୍ତି।

# ନାଗରିକତ୍ୱ ସଂଶୋଧନ ଅଧିନିୟମକୁ ନେଇ ଆଲୋଚନା

**ପାରଳାଖେମୁଣ୍ଡି, ୨୩।୧(ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରିଠାରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ନାଗରିକତ୍ୱ ସଂଶୋଧନ ଅଧିନିୟମ ସମ୍ପର୍କରେ ଏକ ଆଲୋଚନାଚକ୍ର ସ୍ଥାନୀୟ ମହେନ୍ଦ୍ରଗିରି ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବନମାଳୀ ଶବର, ମୁଖ୍ୟବକ୍ତା ପ୍ରଶାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ପ୍ରଦୀପ ହରିଚନ୍ଦନ ଯୋଗଦେଇ ଏହି ଆଇନ ଉପରେ ଆଲୋକପାତ କରିଥିଲେ।



ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ରକ୍ତଦାନ ଶିବିର।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର

**ପାରଳାଖେମୁଣ୍ଡି, ୨୩।୧(ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଆଲୁରିନଗର ଠାରେ ଥିବା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ୍ ଏବଂ ଏନ୍‌ସିସି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଏହି ଶିବିରକୁ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ଅଧିକାରୀ ଡ.ସୁଶାନ୍ତ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଡ.ପି.କଲ୍ୟାଣ ଚକ୍ରବର୍ତ୍ତୀ ଓ ଡ.ଅମୀର ପ୍ରସାଦ ବେହେରା ସହଯୋଗ କରିଥିଲେ। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଭାରତୀୟ ରେଡ୍‌କ୍ରସ୍‌ର ଶତବାର୍ଷିକୀ ଅବସରରେ ଏହି ଶିବିର ହୋଇଥିବା ଜଣାପଡିଛି। ଶିବିରକୁ ଛାତ୍ରୀଛାତ୍ରୀ, ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ ଏବଂ ଡାକ୍ତର ଏନ୍.ରବିବାବୁ ଓ ଖଗେଶ୍ୱର ବେହେରା ପରିଚାଳନା କରିଥିଲେ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ରାୟଗଡ଼ା ବିଜୟୀ

**ମୁନିଗୁଡ଼ା,୨୩।୧(ଡି.ଏନ୍.ଏ.)**

ମୁନିଗୁଡ଼ା କ୍ରିକେଟ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ମୁନିଖୋଲ ଖେଳ ପଡ଼ିଆରେ ଆନ୍ତଃରାଜ୍ୟ ୩ୟ ମୁନିଗୁଡ଼ା କ୍ରିକେଟ୍ କପ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଆସୋସିଏଶନ୍‌ର ଚେୟାରମ୍ୟାନ୍ ଘନଶ୍ୟାମ ମାର୍ଥା ଓ ସଭାପତି ନନ୍ଦ କିଶୋର ପଟ୍ଟନାୟକଙ୍କ ମିଳିତ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ବେଦାନ୍ତର ବୈଦେଶିକ ବ୍ୟାପାର ମୁଖ୍ୟ ନୋବେଲ୍ ଶର୍ମା, ଏସ୍‌ବିଆଇ୍ ଚିଫ୍ ମ୍ୟାନେଜର୍ ଫକୀର କୁଟ୍ରୁକା ଓ ପ୍ରକାଶ କାଡ୍ରାକା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଭାଇଚାରାର ସହ ଖେଳିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ରାୟଗଡ଼ା ଓ ଭବାନୀପାଟଣା ମଧରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ରାୟଗଡା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୫ ଓଭର୍ ମ୍ୟାଚ୍ ଖେଳି ଦଳ ୨୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମରନାଥ ସର୍ବାଧିକ ୫୭ ରନ୍ ଓ ରାହୁଲ୍ ୫୩ ରନ୍ ସଂଗ୍ରହ କରିଥିଲେ। ଅନ୍ୟପକ୍ଷରେ ଭବାନୀପାଟଣା ଦଳ ୨୦୭ ରନ୍‌ର ବିଜୟ ଲକ୍ଷ ନେଇ ନିର୍ଦ୍ଧାରିତ ୨୫ ଓଭର୍ ଖେଳି ୭ ଉଇକେଟ୍ ହରାଇ ମାତ୍ର ୧୪୦ ରନ୍ କରି ପରାଜିତ ହୋଇଥିଲେ। ରାୟଗଡ଼ା ଦଳ ପକ୍ଷରୁ ଅମରନାଥ ୫୭ ରନ୍ ବିନିମୟରେ ସର୍ବାଧିକ ୩ ଉଇକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଫେବୃୟାରୀ ୨ ତାରିଖରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ୍‌ର ସମ୍ପାଦକ ଲାଲ୍‌କୃଷ୍ଣ ରଥ, ଜି. କୁମାର ରାଜୁ, ନିରଞ୍ଜନ ପଡ଼ାଲୁ ସୂଚନା ଦେଇଛନ୍ତି। ପ୍ରଶାନ୍ତ ପରିଛା, ରାଜେଶ ପାଢ଼ୀ, ରାକେଶ, ବଣ୍ଟି, ନରେଶ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଅମ୍ପାୟାର୍‌ଭାବେ ମନୋଜ ପାତ୍ର ଓ ଦିଲୀପ ଦୋରା ମ୍ୟାଚ୍ ପରିଚାଳନା କରିଥିଲେ।

## ୩ୟ ମୁନିଗୁଡା କ୍ରିକେଟ୍ କପ୍ ଟୁର୍ଣ୍ଣାମେଣ୍ଟ


ଟୁର୍ଣ୍ଣାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।


ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଦିଆଯାଉଛି।

# ସିଂହାଣିଆ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ

**ଜେକେପୁର,୨୩।୧ (ଡି.ଏନ୍.ଏ.):** ଜେକେପୁରସ୍ଥିତ ଲକ୍ଷ୍ମୀପତ୍ ସିଂହାଣିଆ ଉଚ୍ଚ ମାଧମିକ ବିଦ୍ୟାଳୟରେ ଗୁରୁବାର ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ଅଗ୍ନି ନିର୍ବାପକ ବିଭାଗ ଏବଂ ଜେକେ କାଗଜ କଳର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଅଗ୍ନି ନିର୍ବାପକ ଅଧିକାରୀ କବିନ୍ଦ୍ର ସୁନାନୀ ଏବଂ ଡ଼ିଏଫ୍‌ଓ ଉପସ୍ଥିତ ରହି ଅଗ୍ନି ଦୁର୍ଘଟଣା ସମୟରେ କିପରି ଧନ, ଜୀବନ ସୁରକ୍ଷା କରାଯାଇପାରିବ, ସେ ନେଇ ଡ଼େମୋ ଦେଖାଯାଇଥିଲେ। କାର୍ଯ୍ୟକ୍ରମରେ ଜିଲା ଅଗ୍ନିଶମ ଅଧିକାରୀ, ଜେକେ କାଗଜ କଳର ଲୋକ ସମ୍ପର୍କ ଅଧିକାରୀ ହରିହର ଖମାରୀ, ସ୍କୁଲ୍‌ର ସଂଯୋଜକ ସୁନିଲ କୁମାର ନାଥ, ସିଏସ୍‌ଆର ଅଧିକାରୀ ମିଲନ୍ ଲେଙ୍କା, ଡେପୁଟି ମ୍ୟାନେଜର (ସିଏସ୍‌ଆର୍) ତଥା ସ୍କୁଲ୍‌ର ପ୍ରିନ୍ସିପାଲ୍ ପି.ଭି. ରାଓ ଉପସ୍ଥିତ ଥିଲେ।